ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.219 Bhubaneswar Thursday October 20 2022 | ୨୫ତମ ବର୍ଷ ସଂଖ୍ୟା–୨୧୯ ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୨୦, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## କାର୍ତ୍ତିକରେ ଶ୍ରଦ୍ଧାଳୁଙ୍କୁ ମହଙ୍ଗା ମାଡ, ଅବଢ଼ା ଦର ନିୟନ୍ତ୍ରଣ କରୁନି ସରକାର

ପୁରୀ,୧୯।୧୦(ପି.ଏନ): ଶ୍ରୀମନ୍ଦିରରେ ଅବଢ଼ା ଦର ନିୟନ୍ତ୍ରଣକୁ ଆଣିପାରୁନି ପ୍ରଶାସନ। ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ଅପରଗତାର ପରିଣାମ ଭୋଗୁଛନ୍ତି ଶ୍ରଦ୍ଧାଳୁ। ଗତମାସରେ ଯେଉଁ ଅବ?ା ଦର ୧୦୦ ଟଙ୍କା ଥିଲା, ଏବେ ତାହା ୨୦୦ ଟଙ୍କା। ଫଳରେ ଧର୍ମମାସ କାର୍ତ୍ତିକରେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରରେ ଜଗା ଦର୍ଶନ ପରେ ନା ପେଟପୂରା ଅବଢ଼ା ଖାଇ ପାରୁଛନ୍ତି, ନା ଦାନଧର୍ମ କରି ପାରୁଛନ୍ତି। ଅବଢ଼ା ରେଟ୍ ଶୁଣି ହବିଷ୍ୟାଳି ହୁଅନ୍ତୁ କି ମଧ୍ୟବିତ୍ତ ଭକ୍ତ, ସମସ୍ତଙ୍କୁ ଖୁବ୍ ବାଧୁଛି। ନୈକି ପ୍ରାୟ ୨୦ ହଜାର ଲୋକଙ୍କ ପାଇଁ ଆନନ୍ଦ ବଜାରରେ ଅବଢ଼ା ବିକ୍ରି ହେଉଛି। କିନ୍ତୁ ୪ବର୍ଷ ତଳୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜି ଯାଏଁ ପ୍ରଶାସନ ପକ୍ଷରୁ ସୁଲଭ ଦରରେ ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ ଯୋଗାଇ ଦେବା ନିମନ୍ତେ ଲାଗି ପାରିଲାନି ରେଟ୍ ଚାଟ୍। ଯାହାକୁ ନେଇ ବଢୁଛି ଭକ୍ତଙ୍କ ଅସନ୍ତୋଷ। ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପରେ ସାଧାରଣ ଶ୍ରଦ୍ଧାଳୁଟିଏ ଅବଢ଼ା ଖାଇଥାଏ, ଏଥିସହ ଘରକୁ ଫେରିବା ପୂର୍ବରୁ ପରିବାର ନିମନ୍ତେ ଅବଢ଼ା କିଣି ନେଇଥାଏ। ହେଲେ ଅନେକ ଶ୍ରଦ୍ଧାଳୁ ନା ପେଟପୂରା ଖାଇ ପାରୁଛନ୍ତି, ନା ପରିବାର ପାଇଁ ପେଟ ପୂରିବା ଭଳି ମହାପ୍ରସାଦ ନେଇ ଯାଇପାରୁଛନ୍ତି। ପରିସ୍ଥିତି ଏଭଳି ହୋଇଛି ଯେ, ମହାପ୍ରସାଦ ପେଟେ ଖାଇ ନୁହେଁ, ବରଂ ଟିକିଏ ତୁଣ୍ଡରେ ମାରି କାମ ସାରିବାକୁ ବାଧ ହେଉଛନ୍ତି ଅନେକ ଶ୍ରଦ୍ଧାଳୁ।କାରଣ ଧର୍ମମାସ କାର୍ତ୍ତିକରେ ଅବଢ଼ା ରେଟ୍ ହୋଇଛି ଆକାଶଛୁଆଁ। ଦର ଶୁଣି ଭକ୍ତଙ୍କ ମୁଣ୍ଡକାନ ଝାଇଁ ମାରି ଯାଉଛି। ୧୫୦ରୁ



୧୭୦ ଟଙ୍କାରେ ମିଳୁଥିବା ଅନ୍ନ, ଡାଲି ଓ ତରକାରୀରେ ପେଟ ପୁରୁନି। ବଡ଼ବଡିଆଙ୍କ କଥା ଅଲଗା,ସାଧାରଣ ପରିବାରରୁ ୮ରୁ ୧୦ ସଦସ୍ୟ ଯଦି ଅବଢ଼ା ଖାଇବାକୁ ଇଛା କରନ୍ତି, ଏଥିପାଇଁ ପ୍ରାୟ ଦେଢ଼ ହଜାର ଟଙ୍କା ପଡ଼ିଯାଉଛି।ସୂଚନା ଅନୁସାରେ, ଯେଉଁ ଜିରା ରାଇସ୍ ବାଇହାଣ୍ଡି ପୂର୍ବରୁ ୫ରୁ ୬ଶହ ଟଙ୍କାରେ ବିକ୍ରି ହେଉଥିଲା ଏବେ ତା' ଦର ୮ ଶହ ପାଖାପାଖି। ସେମିତି ଶହେ ଟଙ୍କିଆ ଡାଲି କୁଡୁଆଟେ ଦେଢ଼ ଶହ ନହେଲେ ୨୦୦ ଟଙ୍କା ପଡୁଛି। ତରକାରୀ, ବେସର, ମହୁର, ଶାଗ ସବୁ ସାଧାରଣ କୁଡୁଆ ପିଛା ଦର ୪୦ରୁ ୫୦ ଟଙ୍କା ଉଚ୍ଚା। ସହଜେ ଏବେ କାର୍ତ୍ତିକ ମାସ, ତେଣୁ ଉଭୟ ହବିଷ୍ୟାଳି ଓ ସାଧାରଣ ଭକ୍ତଙ୍କ ମନ୍ଦିରରେ ପ୍ରବଳ ଗହଳି। ହେଲେ ସମସ୍ତେ କହୁଛନ୍ତି ଅସମ୍ଭବ ଭିଡ଼ରେ ଜଗା ଦର୍ଶନ ଯେକିତି କଷ୍ଟ ଲାଗୁନି, ତାଠୁ ବେଶି ବାଧୁଛି ଅବଢ଼ାର ମହଙ୍ଗା ମାଡ଼।ବର୍ତ୍ତମାନ ସମୟରେ ଶ୍ରୀମନ୍ଦିରରେ ନୈକି ୨୦ରୁ ୩୦ ହଜାର ଲୋକଙ୍କ ପାଇଁ ବରାଦି ଅବଢ଼ା ରନ୍ଧା ହେଉଛି। ଅର୍ଥାତ୍ ନିଇତି ପ୍ରାୟ ୫୦ ହଜାର ଲୋକଙ୍କ ପାଇଁ ରୋଷ ଘରେ ଅବଢ଼ା ପ୍ରସ୍ତୁତ ହେଉଛି। ତେବେ ମହାପ୍ରସାଦର କୌଣସି ନିର୍ଦ୍ଦିଷ୍ଟ ଦର ଆଜି ଯାଏଁ ସ୍ଥିର ହୋଇପାରି ନାହିଁ। ଯିଏ ଯାହା ରେଟ୍ କହିଲା, ତାକୁ ଦେଇ କିଣିବାକୁ ବାଧ ହେଉଛନ୍ତି ଭକ୍ତ।୨୦୧୮ ମସିହାରେ ମାନ୍ୟବର ସୁପ୍ରିମକୋର୍ଟ, ଶ୍ରୀମନ୍ଦିର ସଂସ୍କାର ସମ୍ପର୍କରେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟରେ ଆନନ୍ଦ ବଜାର ଶୃଙ୍ଖଳା ବି ପ୍ରମୁଖ ପ୍ରସଙ୍ଗ ଥିଲା। ଯେଉଁଥିରେ ମହାପ୍ରସାଦର ଦର ନିର୍ଦ୍ଧାରଣ ସହ ଆନନ୍ଦବଜାର ଓ ଅନ୍ୟ ସ୍ଥାନରେ ଅବଢ଼ା ଦର ତାଲିକା ଲଗାଇବାକୁ ସ୍ଥିର ହୋଇଥିଲା। ହେଲେ ଇତିମଧ୍ୟରେ ୪ବର୍ଷ ବିତିବାକୁ ବସିଥିବାବେଳେ ସେ ନେଇ ଜିଲ୍ଲା ପ୍ରଶାସନ କି ଶ୍ରୀମନ୍ଦିର ପ୍ରଶାସନ କାହାରି କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିନି। ଏମିତିକି ପରିଚାଳନା କମିଟିରେ ବି ପଦୁଟିଏ ଏ ନେଇ ଆଲୋଚନା ହେଉନି। ଯାହା ପରିଚାଳନା କମିଟି ଓ କମିଟି ସଦସ୍ୟଙ୍କ ନିଷ୍କ୍ରିୟତାକୁ ସୂଚାଇଛି।ସୁଆର-ମହାସୁଆର ନିଯୋଗ କହୁଛି, ଅବଢ଼ା ରନ୍ଧା ପାଇଁ ଆନୁସଙ୍ଗିକ ସାମଗ୍ରୀର ଦର ବଢ଼ିଛି। ତେଣୁ ଅବ?ା ଦର ଉଚ୍ଚା ହୋଇଛି।ଏସବୁ ଦୃଷ୍ଟି ଦେଲେ ଶ୍ରୀମନ୍ଦିର ସଂସ୍କାର ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଖୁବ୍ ବେଗ୍ର ବୋଲି ଡିଣ୍ଡିମ ପିଟୁଥିବା ସରକାରଙ୍କ ନିଦ ଏ ବାବଦରେ କେବେ ଭାଙ୍ଗିବ ଏବଂ ଶ୍ରଦ୍ଧାଳୁଙ୍କୁ ସୁଲଭ ମୂଲ୍ୟରେ ମହାପ୍ରସାଦ କେବେ ମିଳିବ ଦେଖିବାର କଥା। ଶାସ୍ତ୍ରାନୁସାରେ ମହାପ୍ରସାଦ ବିକ୍ରି ହେବା ଉଚିତ୍ ନୁହେଁ। ହେଲେ ପ୍ରଶାସନିକ ମଧୁଚନ୍ଦ୍ରିକା ଯୋଗୁ ମହାପ୍ରସାଦ ମନଇଚ୍ଛା ଦରରେ ବିକ୍ରି ହେଉଛି। ଯାହା ଶ୍ରଦ୍ଧାଳୁଙ୍କୁ ବାଧୁଛି।

## ଓଆରଏଚଡିସି ଦୁର୍ନୀତି ମାମଲା: ହାଇକୋର୍ଟଙ୍କ ରହିତାଦେଶରେ ମୋକିମ ଆଶ୍ୱସ୍ତ

ଭୁବନେଶ୍ୱର ,୧୯।୧୦(ପି.ଏନ): ଓଆରଏଚଡିସି ଦୁର୍ନୀତି ମାମଲାରେ କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ଆଶ୍ୱସ୍ତି ମିଳିଛି। ଭିଜିଲାନ୍ସ କୋର୍ଟଙ୍କ ଦଣ୍ଡାଦେଶ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ଫଳରେ ମୋକିମଙ୍କ ବିଧାୟକ ପଦ ବଜାୟ ରହିଛି । ଆସନ୍ତା ଫେବୃଆରୀ ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।ହାଇକୋର୍ଟଙ୍କ ରାୟ ଆସିବା ପରେ ପ୍ରତିକ୍ରିୟାରେ କଟକ ବାରବାଟୀ ବିଧାୟକ ମୋକିମ କହିଛନ୍ତି ଯେ ମୁଁ କୃତଜ୍ଞ । ନ୍ୟାୟପାଳିକା ଉପରେ ବିଶ୍ୱାସ ଥିଲା। ମୋ ନିର୍ବାଚନ ମଣ୍ଡଳୀର ଭୋଟର ଙ୍କ ପାଖରେ ମୁଁ ଋଣୀ । ଏହା ପୁରୁଣା ମାମଲା, ଜନ ପ୍ରତିନିଧି ଭାବେ କୌଣସି ସମ୍ପର୍କ ନାହିଁ।୨୦୦୦ ମସିହା ଜାନୁଆରୀ ୪ ତାରିଖରୁ ୨୦୦୧ ମସିହା ମେ' ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାର ଓଆରଏଚଡିସିର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ସ୍ୱସ୍ତି ରଞ୍ଜନ ମହାପାତ୍ର ଓଆରଏଚଡିସିର କମ୍ପାନୀ ସେକ୍ରେଟେରୀ ଭାବେ କାର୍ଯ୍ୟ କରୁଥିଲେ। ୨୦୦୦ ଜୁନ୍ ୨୪ ତାରିଖରେ ମୋକିମଙ୍କ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଓଆରଏଚଡିସିରେ ୧୫୦ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲା। ୧୫୦ ଲକ୍ଷର ଋଣକୁ ବିନୋଦ କୁମାର ଅନୁମୋଦନ କରିଥିଲେ ଏବଂ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍କୁ ତିନିଟି କିସ୍ତିରେ ୨୦୦୦ ଜୁଲାଇ ୬ ତାରିଖରୁ ୨୦୦୦ ଅଗଷ୍ଟ ୨୮ ତାରିଖ ମଧ୍ୟରେ ଋଣ ଅର୍ଥ ପ୍ରଦାନ କରାଯାଇଥିଲା। ଲୋନ୍ ଏଗ୍ରିମେଂଟରେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ନିର୍ଦ୍ଦେଶକ ପୀୟୂଷ ମହାନ୍ତି ଦସ୍ତଖତ କରିଥିଲେ। ତେବେ ଋଣ ନ ସୁଝିବା ଯୋଗୁ ୩୧ ଜୁଲାଇ ୨୦୦୭ ସୁଦ୍ଧା ମେଟ୍ରୋ ବିଲ୍ଡର ଉପରେ ୬କୋଟିରୁ ଅଧିକ ଟଙ୍କା ପେଣ୍ଡିଂ ରହିଥିଲା। ଫଳରେ ସରକାରଙ୍କ ଆର୍ଥିକ କ୍ଷତି ହୋଇଥିଲା।ଏହି ଓଆରଏଚଡିସି ଦୁର୍ନୀତି ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ମହମ୍ମଦ ମୋକିମ ଏବଂ ଅନ୍ୟ ତିନି ଜଣଙ୍କୁ ଆଇପିସି ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଦୋଷୀ ସାବ୍ୟସ୍ତ କରିବା ସହ ତିନି ବର୍ଷ ଜେଲ ଦଣ୍ଡାଦେଶ ଏବଂ ୫୦ ହଜାର ଟଙ୍କାର ଜରିମାନାରେ ଦଣ୍ଡିତ କରିଥିଲେ । ଏହି ଦଣ୍ଡାଦେଶକୁ ବିରୋଧ କରି କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଗତ ୧୦ ତାରିଖରେ ମାମଲାର ପ୍ରାରମ୍ଭିକ ଶୁଣାଣି କରି ମୋକିମଙ୍କ ଆବେଦକୁ ଗ୍ରହଣ କରିବା ସହ ଜରିମାନା ଆଦାୟ ଉପରେ ରହିତାଦେଶ ଜାରି କରିଥିଲେ ହାଇକୋର୍ଟ । ଏହା ଛଡ଼ା ଏକ ଲକ୍ଷ ଟଙ୍କାର ଦୁଇ ଜଣ ଜାମିନଦାରଙ୍କ ବଦଳରେ କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ ।

## କେନ୍ଦ୍ରକୁ ଯିବେ ଗୃହ ସଚିବ ସଞ୍ଜୀବ ଚୋପ୍ରା, ମିଳିଲା ନିଯୁକ୍ତି

ଭୁବନେଶ୍ୱର,୧୯।୧୦(ପି.ଏନ): ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ତଥା ୧୯୯୦ ବ୍ୟାଚ୍ ଆଇଏଏସ୍ ସଞ୍ଜୀବ ଚୋପ୍ରାଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି । ସେ କେନ୍ଦ୍ର ସରକାରରେ ଖାଦ୍ୟ ଓ ସାଧାରଣ ବଂଟନ ବିଭାଗର ସଚିବ ଭାବେ କାର୍ଯ୍ୟ କରିବେ । ପୂର୍ବରୁ ଶ୍ରୀ ଚୋପ୍ରାଙ୍କ ଆଇଏଏସ୍ ପତ୍ନୀ ରଞ୍ଜନା ଚୋପ୍ରାଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଥିଲା ।ଆଜି ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଧିବଦ୍ଧ ବିଜ୍ଞପ୍ତି ଅନୁସାରେ, ଅକ୍ଟୋବର ୩୧ରେ କେନ୍ଦ୍ର ଖାଦ୍ୟ ଓ ସାଧାରଣ



ବଂଟନ ବିଭାଗର ସଚିବ ଭାବେ ଆଇଏଏସ୍ ସୁଧାଂଶୁ ପାଣ୍ଡେ ଚାକିରିରୁ ଅବସର ନେଉଥିବାରୁ ତାଙ୍କ ସ୍ଥାନରେ ଶ୍ରୀ ଚୋପ୍ରା ଏହି ଦାୟିତ୍ୱ ତୁଲାଇବେ । ଶ୍ରୀ ଚୋପ୍ରା ଏବେ ଓଡିଶା ସରକାରରେ କୃଷି ଉତ୍ପାଦନ କମିଶନର ଓ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଭାବେ କାର୍ଯ୍ୟ କରୁଛନ୍ତି । ସେ ଗତ କିଛିମାସ ଧରି କେନ୍ଦ୍ର ସରକାରରେ ନିଯୁକ୍ତି ପାଇବା ନିମନ୍ତେ ଜୋରଦାର ପ୍ରୟାସ ଜାରି ରଖିଥିଲେ ।ସୂଚନାଯୋଗ୍ୟ, ପୂର୍ବରୁ ସେପ୍ଟେମ୍ବର ୨୬ ତାରିଖରେ ଶ୍ରୀ ଚୋପ୍ରାଙ୍କ ଆଇଏଏସ୍ ପତ୍ନୀ ଓଡିଶା କ୍ୟାଡରର ୧୯୯୪ ବ୍ୟାଚ୍ ଆଇଏଏସ୍ ରଞ୍ଜନା ଚୋପ୍ରାଙ୍କୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଆର୍ଥିକ ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଥିଲା । ରଞ୍ଜନା ଏବେ ରାଜ୍ୟ ସରକାରଙ୍କ ଏମଏସଏମଇ ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟ କରୁଛନ୍ତି ।

## ରାଜେନ୍ଦ୍ର ଦାସ ବିଜେଡିରୁ ବହିଷ୍କୃତ

ଭୁବନେଶ୍ୱର ,୧୯।୧୦(ପି.ଏନ): ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସଙ୍କୁ ଦଳରୁ ବହିଷ୍କାର କରିଛି ବିଜେଡି। ଦଳ ବିରୋଧୀ କାର୍ଯ୍ୟ ପାଇଁ ରାଜେନ୍ଦ୍ରଙ୍କୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହିଷ୍କାର କରିଥିବା ନେଇ ଦଳ ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।ବିଜେଡିରୁ ବହିଷ୍କୃତ ହେବା ପରେ ରାଜେନ୍ଦ୍ର ଦାସ ପ୍ରତିକ୍ରୟା ଦେଇ କହିଛନ୍ତି, ସଭାପତିଙ୍କ ନିଷ୍ପତିକୁ ମୁଣ୍ଡ ପାତି ସହୁଛି ଓ ସ୍ୱାଗତ କରୁଛି। ଆମେ ଲୋକଙ୍କ ସହ ଅଛୁ। କାର୍ଯ୍ୟାନୁଷ୍ଠାନ ବଡ଼ କଥା ନୁହେଁ। ଲୋକଙ୍କ ସେବା କରିବା ପାଇଁ ରାଜନୀତି କରୁଛି। ଧାମନଗରବାସୀଙ୍କ ସ୍ୱାଭିମାନ ରକ୍ଷା ପାଇଁ ସଂଗ୍ରାମ ଜାରି ରହିବ। ମୋ ପଛରେ ଧାମନଗରବାସୀଙ୍କ ସମର୍ଥନ ରହିଛି ଓ ମୁଁ ନିଶ୍ଚୟ ବିଜୟୀ ହେବି। ସୂଚନାଯୋଗ୍ୟ ଯେ ଧାମନଗରର ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ ଏଥର ଉପନିର୍ବାଚନରେ ବିଜେଡିରୁ ଟିକେଟ ପାଇବା ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କୁ ଟିକେଟ୍ ନଦେଇ ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କଲା। ଫଳରେ ରାଜେନ୍ଦ୍ର ଅସନ୍ତୁଷ୍ଟ ହୋଇଥିଲେ। ତାଙ୍କୁ ଦଳ ପକ୍ଷରୁ ବୁଝାଇବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ ବୁଝି ନଥିଲେ। ଶେଷରେ ରାଜେନ୍ଦ୍ର ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ।

## ଓଡିଶାରେ ବାଧ୍ୟତାମୂଳକ ହେଲା 'କ୍ୟାନସର ରୋଗୀ'ଙ୍କ ଡାଟାବେସ୍

ଭୁବନେଶ୍ୱର ,୧୯।୧୦(ପି.ଏନ): କ୍ୟାନସର ପୀଡିତ ହେଉଥିବା ପ୍ରତ୍ୟେକ ରୋଗୀଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ବାଧ୍ୟତାମୂଳକ ହୋଇଛି । ରାଜ୍ୟର ସମସ୍ତ ପ୍ରକାରର ସରକାରୀ ଓ ଘରୋଇ ହସ୍ପିଟାଲ, ପାଥୋଲୋଜି ସମେତ ଇଏସଆଇ, ରେଳବାଇ, ଆର୍ମି ଓ ଶିକ୍ଷାନୁଷ୍ଠାନ ଦ୍ୱାରା ପରିଚାଳିତ ହସ୍ପିଟାଲଗୁଡିକ ସେମାନଙ୍କ ପାଖକୁ ଆସୁଥିବା କ୍ୟାନସର ରୋଗୀଙ୍କ ସମ୍ପର୍କରେ ତଥ୍ୟ ଦେବାକୁ ବାଧ । ଏଥିପାଇଁ ଓଡିଶା ସରକାର ଆଜିଠୁ କ୍ୟାନସରକୁ 'ରିପୋର୍ଟ ଯୋଗ୍ୟ ରୋଗ' ଭାବେ ଘୋଷଣା କରିବା ସହ ସମସ୍ତ ମେଡିକାଲ ପ୍ରତିଷ୍ଠାନ,ଡାକ୍ତର ଓ ପାଥୋଲୋଜିଷ୍ଟମାନେ ସେମାନଙ୍କ ପାଖକୁ ଆସୁଥିବା କ୍ୟାନସର ରୋଗୀଙ୍କ ସମ୍ପର୍କରେ ରିଏଲ ଟାଇମ୍ ଡାଟା ପ୍ରସ୍ତୁତ କରିବେ ତଥା କ୍ୟାନସର ଚିହ୍ନଟ ହେବାର ଅତିବେଶୀରେ ୨ ସପ୍ତାହ ମଧ୍ୟରେ ଏନେଇ ଭୁବନେଶ୍ୱରର ନାଇଜର କ୍ୟାମ୍ପସରେ ଟାଟା ମୋମେରିଆଲ ସେଂଟର ସହଯୋଗରେ ଆରମ୍ଭ ହୋଇଥିବା ଜନସଂଖ୍ୟା ଆଧାରିତ କ୍ୟାନସର ପଞ୍ଜିକା(ପିବିସିଆର)କୁ ଅବଗତ



କରାଇବେ । ଏହି ପିସିବିଆର ଚଳିତମାସ ୧୫ତାରିଖରୁ କାର୍ଯ୍ୟକ୍ଷମ ହୋଇଛି ।ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଦେଶରେ କ୍ୟାନସର ପ୍ରତିଷେଧକ, ନିୟନ୍ତ୍ରଣ ଓ ଗବେଷଣା କାର୍ଯ୍ୟକ୍ରମ ନିମନ୍ତେ କ୍ୟାନସର ରୋଗୀଙ୍କ ତଥ୍ୟ ସଂଗ୍ରହ ବାଧ୍ୟତାମୂଳକ ହେବାର ଆବଶ୍ୟକତା ରହିଛି ବୋଲି ଇଣ୍ଡିଆନ ମେଡିକାଲ ରିସର୍ଚ୍ଚ କାଉନସିଲ(ଆଇସିଏମଆର) ସୁପାରିଶ କରିଛନ୍ତି । ଓଡିଶା ସରକାର ମଧ୍ୟ ରାଜ୍ୟରେ କ୍ୟାନସର ରୋଗୀଙ୍କ ସମ୍ପର୍କିତ ତଥ୍ୟ ରଖାଯିବାକୁ ମଧ୍ୟ ସମର୍ଥନ କରିଛନ୍ତି । କ୍ୟାନସର ରୋଗୀଙ୍କ ତଥ୍ୟ ମିଳିଲେ ତାକୁ କ୍ୟାନସର ନିୟନ୍ତ୍ରଣ ଓ ପ୍ରତିଷେଧକ ସହ ଏହାର ଅଧିକ ଚିକିତ୍ସା ସୁବିଧା, ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ଖୋଲାଯାଇ ପାରିବ । ଏହି ଦୃଷ୍ଟିରୁ ରାଜ୍ୟ ସରକାର ଓଡିଶାରେ 'କ୍ୟାନସର'କୁ 'ରିପୋର୍ଟଯୋଗ୍ୟ ରୋଗ' ଶ୍ରେଣୀରେ ରଖିବା ସହ ଏହାର ସୂଚନା ଦେବାକୁ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଡାକ୍ତର ଓ ପାଥୋଲୋଜିଷ୍ଟ ବାଧ ବୋଲି ଦର୍ଶାଇଛନ୍ତି । ଏପରିକି ଘରୋଇ ଆୟୁର୍ବ?ଦ, ୟୁନାନି ଓ ଅନ୍ୟ ସମସ୍ତ ପ୍ରକାରର ଚିକିତ୍ସା ପ୍ରତିଷ୍ଠାନ ମଧ୍ୟ ସେମାନଙ୍କ ପାଖରେ ଚିକିତ୍ସିତ ହେଉଥିବା ଅବା ଚିହ୍ନଟ ହୋଇଥିବା କ୍ୟାନସର ରୋଗୀଙ୍କ ସମ୍ପର୍କରେ ତଥ୍ୟ ପିବିସିଆରକୁ ପଠାଇବାକୁ ବାଧ ବୋଲି ନିର୍ଦ୍ଦେଶ ଦେଇଛନ୍ତି ।ରାଜ୍ୟରେ କ୍ୟାନସର ରୋଗୀଙ୍କ ଆକଳନ, ଏହି ରୋଗର ଶୀଘ୍ର ନିରାକରଣ ଓ ନିୟନ୍ତ୍ରଣ, ଚିକିତ୍ସା ସହ ସମ୍ବଳ ସଂଗ୍ରହ କରି ମୃତ୍ୟୁହାରକୁ ହ୍ରାସ କରିବା ନିମନ୍ତେ କ୍ୟାନସରକୁ ବାଧ୍ୟତାମୂଳକ 'ରିପୋର୍ଟଯୋଗ୍ୟ' ତାଲିକାରେ ସାମିଲ କରିଛନ୍ତି । ସମସ୍ତ ଘରୋଇ ଓ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଉଭୟ କେନ୍ଦ୍ର ,ରାଜ୍ୟ, ସରକାରୀ ଉଦ୍ୟୋଗ ଓ ଘରୋଇ ଅନୁଷ୍ଠାନ ପରିଚାଳିତ ସ୍ୱାସ୍ଥ୍ୟ କେନ୍ଦ୍ର, ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରୁଥିବା ପାଥୋଲୋଜି, ଇଏସଆଇ, ରେଳବାଇ, ଆର୍ମି, ଶିକ୍ଷାନୁଷ୍ଠାନ ଆଦି ଦ୍ୱାରା ପରିଚାଳିତ ହସ୍ପିଟାଲ ସହ ଆୟୁର୍ବ?ଦ ଓ ୟୁନାନି ଆଦି ସମସ୍ତ ପ୍ରକାରର ଚିକିତ୍ସା ଯୋଗାଉଥିବା ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଚିକିତ୍ସା ପାଇ ଆସୁଥିବା ବ୍ୟକ୍ତି କ୍ୟାନସର ଚିହ୍ନିତ ହେଲେ ଏ ସଂକ୍ରାନ୍ତ ସର୍ବାଧିକ ୨ ସପ୍ତାହ ମଧ୍ୟରେ ପିବିସିଆରକୁ ଅବଗତ କରାଇବା ବାଧ୍ୟତାମୂଳକ ।

## ଅର୍ଚ୍ଚନାଙ୍କୁ ରିମାଣ୍ଡରେ ନେଲାନି କମିଶନରେଟ ପୁଲିସ, ପାଟି ବି ଖୋଲୁନି

ଭୁବନେଶ୍ୱର୧୯।୧୦(ପି.ଏନ):୧୪ ଦିନିଆ ବିଚାର ବିଭାଗୀୟ ହାଜତରେ ରହିବା ପରେ ଭୁବନେଶ୍ୱର ଏସ୍?ଡିଜେଏମ୍ କୋର୍ଟ ଜଜ୍?ଙ୍କ ଆଗରେ ହାଜର ହେଲେ ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ। ଆଜି ତାଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ଜଜ୍?ଙ୍କ ଆଗରେ ହାଜର କରାଯାଇଥିଲା। ତେବେ ଆଶ୍ଚର୍ଯ୍ୟଜନକ ଭାବେ କମିଶନରେଟ୍ ପୁଲିସ ପକ୍ଷରୁ ଅର୍ଚ୍ଚନାଙ୍କ ବିରୋଧରେ କୌଣସି ନୂଆ ମାମଲା ହୋଇଥିବା ନେଇ କୋର୍ଟଙ୍କୁ ଅବଗତ କରାଯାଇନି ।ଏପରିକି ପୁଲିସ ମଧ୍ୟ ରିମାଣ୍ଡରେ ନେଇ ତାଙ୍କୁ ପଚରାଉଚରା କରିନି। ସେପଟେ ଅର୍ଚ୍ଚନାଙ୍କୁ ନେଇ ରାଜନୀତି କିନ୍ତୁ ସରଗରମ। ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସ କହିଛନ୍ତି, ଘଟଣାରେ ୨୩ ବିଜେଡି ବିଧାୟକ ଏବଂ ୪ ମନ୍ତ୍ରୀ ସଂପୃକ୍ତ ଥିବା ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ କାହିଁକି ସଂପୃକ୍ତ ମନ୍ତ୍ରୀ ଓ ବିଧାୟକଙ୍କୁ ବିଦା କରୁନାହାନ୍ତି। ଯାହାକୁ ନେଇ ସମସ୍ତଙ୍କ ମନରେ ସନ୍ଦେହ ବଢ଼ିଛି। ତେଣୁ ସାହାସ ଅଛି ତ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ବାନ୍ଧନ୍ତୁ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ ଆଉ ଥରେ ନିର୍ବାଚନ ସାମ୍ନା କରନ୍ତୁ।ସେପଟେ ଏହି ଘଟଣାକୁ ନିରପେକ୍ଷ ତଦନ୍ତ ପାଇଁ ମାମଲା ସିବିଆଇକୁ ଦିଆଯାଉ ବୋଲି କହିଛନ୍ତି ବିଜେପି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ପୃଥୀରାଜ ହରିଚନ୍ଦନ। ତେବେ କଂଗ୍ରେସ ଓ ବିଜେପିର ଏହି ଅଭିଯୋଗ ନେଇ ବିଜେଡିର ପ୍ରତିକ୍ରିୟା ମିଳିପାରିନାହିଁ ।ସେହିପରି ଅର୍ଚ୍ଚନା ନାଗଙ୍କ ବିଶାଳ ସାମ୍ରାଜ୍ୟ ଠିଆ କରିବା ପଛର ରହସ୍ୟ, ବ୍ଲାକମେଲ ଓ ତାଙ୍କ ସହ ଅନୈତିକ ଲିଙ୍କରେ ଥିବା ବ୍ୟକ୍ତିଙ୍କ ଚେହେରା ବିଷୟରେ ଏ ପର୍ଯ୍ୟନ୍ତ ପୁଲିସ ଆଉ ପାଟି ମଧ୍ୟ ଖୋଲୁନି। ଯାହାକୁ ନେଇ ଅଲୋଚନା ଥମିବାର ନାଁ ଧରୁନି।

## ନନ୍ଦନକାନନ ପାଖରେ ୧୬ ଟିକିଆ ଜଙ୍ଗଲୀ ହାତୀପଲ

ଭୁବନେଶ୍ୱର ,୧୯।୧୦(ପି.ଏନ): ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଚେରୀ ନିକଟରେ ୧୬ ଟିକିଆ ଜଙ୍ଗଲୀ ହାତୀପଲଙ୍କୁ ଦେଖିବାକୁ ମିଳିଛି। ନନ୍ଦନକାନନ ପଛ ଗେଟ୍ ଦାରୁଠେଙ୍ଗ ଗାଁ ପାଖରେ ଏହି ହାତୀପଲ ରହିଛନ୍ତି। ସୂଚନା ଅନୁସାରେ ଗତକାଲି ରାତିରେ ଏହି ହାତୀପଲ ଚନ୍ଦକା ଅଭୟାରଣ୍ୟ ଦେଇ ନନ୍ଦନକାନନ ପଛପଟ ଗେଟ୍ ଦାରୁଠେଙ୍ଗ ଗାଁ ପାଖକୁ ଚାଲିଆସିଥିଲେ। ସେମାନେ ଦାରୁଠେଙ୍ଗ ଅଂଚଳରେ ବ୍ୟାପକ ପନିପରିବା ନଷ୍ଟ କରିଥିବା କୁହାଯାଉଛି।

## ୧୩ ହଜାର ଟଙ୍କା ଲାଂଚ ନେଇ ଟ୍ୟାକ୍ସ କଲେକ୍ଟର ଗିରଫ

ଭୁବନେଶ୍ୱର ,୧୯।୧୦(ପି.ଏନ):- ଲାଂଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ମ୍ୟୁନିସିପାଲଟିର ଟ୍ୟାକ୍ସ କଲେକ୍ଟର ଏମଡି ନାସିର। ଅଭିଯୋଗକାରୀଙ୍କ ଠାରୁ ୩ ବର୍ଷର ହୋଲ୍ଡିଂ ଟ୍ୟାକ୍ସ ଅପଡେଟ୍ କରିବା ଏବଂ କମ୍ ଟଙ୍କାରେ ନୂଆ ହୋଲ୍ଡିଂ ନମ୍ବର ଲାଗି ଫାଇଲ ପ୍ରୋସେସିଂ କରିବା ପାଇଁ ଟ୍ୟାକ୍ସ କଲେକ୍ଟର ଏମଡି ନାସିର ୧୩ ହଜାର ଟଙ୍କା ଲାଂଚ ନେଉଥିଲେ। ଏହି ସମୟରେ ରାଉରକେଲା ଭିଜିଲାନ୍ସ ପୋଲିସ୍ ଚଢାଉ କରି ଅଭିଯୁକ୍ତଙ୍କ ଠାରୁ ୧୩ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ । ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

## ବାତ୍ୟା ଆଶଙ୍କା: ୭ ଜିଲ୍ଲାକୁ ଆଲର୍ଟ, ୨୩ରୁ ଲଘୁଚାପ ବର୍ଷା

ଭୁବନେଶ୍ୱର,୧୯।୧୦(ପି.ଏନ): ବଙ୍ଗୋପସାଗରରେ ସମ୍ଭାବ୍ୟ ବାତ୍ୟା 'ସିତରଙ୍ଗ'କୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉପକୂଳବର୍ତ୍ତୀ ୭ଟି ଜିଲ୍ଲାକୁ ଆଲର୍ଟ ଜାରି କରିଛନ୍ତି । ସେମାନଙ୍କୁ ସମସ୍ତ ପ୍ରକାରର ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେବା ସହ ଆସନ୍ତା ୨୩ରୁ ଲଘୁଚାପଜନିତ ବର୍ଷା ହେବାର ଆଶଙ୍କା ଥିବାରୁ ସପ୍ତାହକ ପର୍ଯ୍ୟନ୍ତ ହେଡକ୍ୱାର୍ଟର ନଛାଡିବାକୁ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୨୪ତାରିଖ ସୁଦ୍ଧା ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ ଆଜି ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପ ବର୍ଷାକୁ ଦୃଷ୍ଟିରେ ରଖି ଉପକୂଳବର୍ତ୍ତୀ ଜିଲ୍ଲାର ଜିଲ୍ଲାପାଳ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ବୈଠକ କରିଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯିବା ସହ ସପ୍ତାହକ ପର୍ଯ୍ୟନ୍ତ



ହେଡକ୍ୱାର୍ଟର ନଛାଡିବାକୁ କୁହାଯାଇଛି । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସମୁଦ୍ର କୂଳ ଅଂଚଳରେ ମତ୍ସ୍ୟଜୀବୀମାନଙ୍କୁ ଆଗୁଆ ସତର୍କ କରାଯାଇଛି । ୨୨ତାରିଖ ପରଠୁ ସମୁଦ୍ର ଭିତରକୁ ନଯିବା ଓ ଯେଉଁମାନେ ଯାଇଛନ୍ତି ସେମାନେ ଏହି ଅବଧି ପୂର୍ବରୁ ଫେରି ଆସିବା ପାଇଁ ପରାମର୍ଶ ଦିଆଯାଇଛି ।ଅନ୍ୟପକ୍ଷରେ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ବଙ୍ଗୋପସାଗରର ଦକ୍ଷିଣପୂର୍ବ ଦିଗରେ ୨୪ଘଣ୍ଟା ମଧ୍ୟରେ ଲଘୁଚାପ ଅଂଚଳ ସୃଷ୍ଟି ହେବ ଯାହାକି ପଶ୍ଚିମ-ଉତ୍ତରପଶ୍ଚିମ ଦିଗ ଅଭିମୁଖେ ଆସି ୨୨ତାରିଖ ସୁଦ୍ଧା ଅବପାତର ରୂପ ନେବ । ଯାହାକି ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହୋଇ ସାମୁଦ୍ରିକ ଝଡର ରୂପ ଧାରଣ କରିବାର ଆଶଙ୍କା ରହିଛି । ଏହି ଲଘୁଚାପ ଯୋଗୁ ଆସନ୍ତା ୨୩ତାରିଖରେ ପୁରୀ, କେନ୍ଦ୍ରାପଡା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ଉପକୂଳ ଓଡିଶାରେ ୪୫ରୁ ୫୫କିମି ବେଗରେ ପବନ ବୋହିବାର ପୂର୍ବାନୁମାନ କରାଯାଇଛି ।

## କେନ୍ଦୁଝର ପୋଲିସଙ୍କୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ: ଏସ୍.ପି.ଅଫିସ ନିକଟ ଜୁଏଲରୀ ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ

ସୁନାଗହଣା ଲୁଟ କେନ୍ଦୁଝର , ୧୯।୧୦(ପି.ଏନ): କେନ୍ଦୁଝର ସହର ର ଜନଗହଳିପୂର୍ଣ୍ଣ ଅଂଚଳ ତଥା ପୋଲିସ ବିଭାଗର ଜିଲ୍ଲା ମୁଖିଆଙ୍କ କାର୍ଯ୍ୟାଳୟ ସନ୍ନିକଟ ଏକ ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଓ ରୂପା ଗହଣା ଲୁଟ କରି ପୋଲିସକୁ ଲୁଟେରାମାନେ ଦେଇଛନ୍ତି ଖୋଲା ଚ୍ୟାଲେଂଜ । ତଥାପି ପୋଲିସ ନିଷ୍କ୍ରିୟ । କେନ୍ଦୁଝର ସହର ମଧ୍ୟରେ ଝୁଲୁଛି ମାଳ ମାଳ କ୍ୟାମେରା । କ୍ୟାମେରାରେ ବିନା ହେଲମେଟ ବାଇକ ତଥା ସ୍କୁଟର ଚାଳକଙ୍କ ଫଟ ଉଠାଇ , ସେମାନଙ୍କ ଠାରୁ ଜୋରିମାନା ନାମରେ ଟଙ୍କା ଆଦାୟ କରି କେନ୍ଦୁଝର ପୋଲିସ ଯେଉଳି ତାହାକୁ ନିଜର ତା ଭାବେ ପ୍ରଦର୍ଶନ କରୁଛି ଅନୁରୂପ ତା ସହର ମଧ୍ୟରେ ଅପରାଧ ନିୟନ୍ତ୍ରଣ କରିବା ଦିଗରେ ଦେଉ ନଥିବା ଲକ୍ଷ୍ୟ କରାଯାଉଅଛି । ଫଳରେ ସହର ମଧ୍ୟରେ ଦୋକାନ , ଘର ଆଦିରୁ ଚୋରୀ ସହ ବିଭିନ୍ନ ଧରଣର ଅପରାଧ ବଢିବାରେ ଲାଗିଛି । ପୋଲିସ ଉପରେ ଲୋକମାନେ ଏତେଦୂର ବିଶ୍ୱାସ ତୁଟାଇ ବସିଛନ୍ତି ଯେ ଚୋରୀ ତଥା ଲୁଟ ପରେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ପୋଲିସରେ ଖବର ଦେବାକୁ ଲୋକେ ଆଉ ଆଗ୍ରହ ପ୍ରକାଶ କରୁନାହାଁନ୍ତି । ପୋଲିସର ନିଷ୍କ୍ରିୟତାର ସୁଯୋଗ ନେଉଛନ୍ତି ଅପରାଧୀ । ଗତକାଲି ରାତ୍ରୀରେ ସହରର ଏକ ଗୁରୁତ୍ୱପୁର୍ଣ୍ଣ ଅଂଚଳ ଏସ୍.ପି ଅଫିସ, କେସିସି ବ୍ୟାଙ୍କ , ଜିଲ୍ଲାପାଳଙ୍କ ଅଫିସ ସନ୍ନିକଟ ସାଇରାମ ନାମକ ଏକ ଗହଣା ଦୋକାନରୁ କାନ୍ଥକୁ କାଟି ଲୁଟେରାମାନେ ସୋ କେଶରେ ଥିବା ସମସ୍ତ ସୁନା ଓ ରୂପାର ଗହଣା ଚୋରୀ କରିନେଇଛନ୍ତି । ଲୁଟେରାମାନେ ଦୋକାନର ଲକର ଖୋଲିପାରି ନଥିବାରୁ ସେଥିରେ ଥିବା ଗହଣା କେବଳ ସୁରକ୍ଷିତ ରହିପାରିଛି । ଏପରିକି ଦୋକାନ ଭିତରେ ଥିବା କ୍ୟାମେରାର ଡିସ୍କୁ ମଧ୍ୟ ସେମାନେ ନେଇ ଯାଇଛନ୍ତି । ଅନ୍ୟ ପକ୍ଷରେ ଏବେ ପୂଜା ଋତୁ ଆସିଥିବା ବେଳେ ଚାନ୍ଦା ଆଦାୟକାରୀଙ୍କର ପାଦୁର୍ଭାବ ମଧ୍ୟ ବଢିଛି । ଦୁର୍ଗାପୂଜା , ଲକ୍ଷ୍ମୀ ପୂଜା ପରେ ଏବେ କାଳୀପୂଜା ନାମରେ ଚାନ୍ଦା ଆଦାୟ କରାଯାଉଛି । କେତେକ ସ୍ଥାନରେ ଜୋର ଜବରଦସ୍ତ ଚାନ୍ଦା ଆଦାୟ ହେଉଛି । ପ୍ରାୟ ପ୍ରତ୍ୟେକ ଦିନ ନୂଆ ନୂଆ ସ୍ଥାନରେ ପୂଜା ନାମରେ ଟଙ୍କା ଆଦାୟ ହେଉଛି । ଚାନ୍ଦା ଆଦାୟକାରୀ ମାନେ ଘରକୁ ଘର ବୁଲି ଚାନ୍ଦା ଦେବାକୁ ବାଧ୍ୟ କରୁଥିବାର ଅଭିଯୋଗମାନ ଆସୁଛି। ପୋଲିସ ତୁରନ୍ତ ଏ ସବୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବୀ ହେଉଛି ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛ ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୟାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଟିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡ଼ିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରା ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ନିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# କିର୍ତ୍ତେଶ୍ୱରୀ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ, ପଶ୍ଚିମବଙ୍ଗ





ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି। ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ ଟି ବୋଲି କେତେକ ମତ ଦିଅନ୍ତି। ତେବେ ତନ୍ତ୍ର ଚୂଡ଼ାମଣିରେ ୫୨ ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି। ତେବେ ମାତା ସତୀଙ୍କ ୫୧ଟି ଶକ୍ତିପୀଠ ମାନଙ୍କ ମଧ୍ୟରେ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅନ୍ୟତମ। ଏହି ଶକ୍ତିପୀଠ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ସ୍ଥଳ ଭାବେ ବେଶ୍ ପରିଚିତ। ଏହି ଶକ୍ତିପୀଠ ସାରା ଭାରତରେ ବିଖ୍ୟାତ।

**କିପରି ସୃଷ୍ଟି ହେଲା ଏହି ଶକ୍ତିପୀଠ:** ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥା କଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ



ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମରଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।

କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପ-ମହାଦେଶର ଅନେକ ସ୍ଥାନରେ ବିଞ୍ଚିହୋଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ। ଶକ୍ତିପୀଠଗୁଡ଼ିକ ମଧ୍ୟରେ "କିରୀଟ (କିର୍ତ୍ତେଶ୍ୱରୀ) ବିମଳା ଭୁବନେଶ୍ୱରୀ ଶକ୍ତିପୀଠ"ଅନ୍ୟତମ। ଏହା ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ମୁର୍ଶିଦାବାଦ ଜିଲ୍ଲାର କିରୀଟକୋଣ ଗ୍ରାମରେ ଅବସ୍ଥିତ। ଏଠାରେ ମାତା ସତୀଙ୍କର ମୁକୁଟ ଖଣ୍ଡ ପଡ଼ିଥିଲା। ଏଠାରେ ମାତା ଶକ୍ତିଙ୍କୁ 'ଭୁବନେଶ୍ୱରୀ' ଓ ଭଗବାନ ଶିବଙ୍କୁ 'ସଂବର୍ତ୍ତ'ରୂପରେ ପୂଜା କରା ଯାଇଥାଏ।

ଏହି ଶକ୍ତିପୀଠରେ ବର୍ଷ ସାରା ବିଭିନ୍ନ ପର୍ବ ପର୍ବାଣୀ ଧୂମଧାମରେ ପାଳିତ ହୋଇଥାଏ। ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଏଠାରେ ଧୂମଧାମରେ ପାଳନ କରାଯାଏ। ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ




କରିଥାଏ। ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ। ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।

**କେମିତି ଯିବେ:-** ହାଓଡ଼ା ରେଳ ଷ୍ଟେଶନ୍ ଠାରୁ ୨.୫ କିମି ଯିବା ପରେ ଲାଲବାଗ୍ କୋଟ ଷ୍ଟେଶନ ପଡ଼ିବ ଓ ସେଠାରୁ ୫ କିଲୋମିଟର ଦୂରରେ ହିଁ "କିରୀଟ ବିମଳା ଭୁବନେଶ୍ୱରୀ ଶକ୍ତିପୀଠ" ଅବସ୍ଥିତ। ଏହି ଶକ୍ତିପୀଠ କୋଲକତା ମହାନଗରୀ ଭିତରେ ହିଁ ଅବସ୍ଥିତ।

**ଶରତ କୁମାର ରାଉତ**, ଭୁବନେଶ୍ୱର, ମୋ: ୯୩୩୭୩୬୯୪୮



# ବିପର୍ଯ୍ୟୟ ମୁହାଁ ପୃଥିବୀ



୧୨୨ ବର୍ଷ ପରେ ଚଳିତ ବର୍ଷ ମାର୍ଚ୍ଚ ମାସରେ ଗ୍ରୀଷ୍ମ ପ୍ରବାହ ରେକର୍ଡ ଭଙ୍ଗ କରିଥିବାବେଳେ ଏପ୍ରିଲ ମାସରେ ଅସହ୍ୟ ହୋଇପଡିଥିଲା। ଆମ ରାଜ୍ୟରେ ୨୨ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିବାବେଳେ ୯ଟି ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀ ଟପିଛି। କେବଳ ଏତିକି ନୁହେଁ, ଆଗକୁ ରୌଦ୍ରତାପ ଆହୁରି ଦୁଇରୁ ତିନି ଡିଗ୍ରୀ ବଢିବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଦେଇଥିଲା। ତେବେ ଏଣେ ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧିର କାରଣ ବୋଲି କୁହାଯାଏ। ତେବେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ନେଇ ସଦ୍ୟ ପ୍ରକାଶିତ ଜାତିସଂଘ ରିପୋର୍ଟରେ ଯାହା କୁହାଯାଇଛି, ତାହା ଯେତିକି ଚିନ୍ତାଜନକ, ସେତିକି ଉଦ୍‌ବେଗଜନକ। ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଗ୍ରୀଷ୍ମପ୍ରବାହ ବଢିବା ସହ ପ୍ରାକୃତିକ ବିପର୍ଯ୍ୟୟ ବୃଦ୍ଧି ପାଇବ ବୋଲି ରିପୋର୍ଟରେ କୁହାଯାଇଛି। ୨୦୩୦ ସୁଦ୍ଧା ବର୍ଷକୁ ଅତି କମରେ ୫୬୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ଏହାଦ୍ୱାରା ମାନବ ସମାଜର ଉଭୟ ଜୀବନ-ଜୀବିକା ଗୁରୁତର ଭାବେ ପ୍ରଭାବିତ ହେବ। ଉଲ୍ଲେଖଯୋଗ୍ୟ ୨୦୧୫ ମସିହାରେ ବିଶ୍ୱ ସର୍ବାଧିକ ୪୦୦ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ୧୯୭୦ରୁ ୨୦୦୦ ମସିହା ମଧ୍ୟରେ ବିଶ୍ୱରେ ପ୍ରତିବର୍ଷ ୯୦ରୁ ୧୦୦ଟି ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା। ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅସହ୍ୟ ଗ୍ରୀଷ୍ମ ପ୍ରବାହ, ଅନାବୃଷ୍ଟି, ଅତିବୃଷ୍ଟି, ସାମୁଦ୍ରିକ ଝଡ ବାତ୍ୟା ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢିବାରେ ଲାଗିଛି। ଏ ନେଇ ଆମ ରାଜ୍ୟ ଗତ ଦୁଇ ଦଶନ୍ଧି ମଧ୍ୟରେ ସମ୍ମୁଖୀନ ହୋଇଥିବା ସାମୁଦ୍ରିକ ଝଡ ବାତ୍ୟାର ଉଦାହରଣ ଦେଲେ ଯଥେଷ୍ଟ ହେବ। କହିବା ବାହୁଲ୍ୟ ଯେ, ୧୯୯୯ ମସିହାରେ ଓଡିଶା ମହାବାତ୍ୟାର ସମ୍ମୁଖୀନ ହୋଇଥିବାବେଳେ ଏହାର ୧୨ବର୍ଷ ପରେ ଅର୍ଥାତ ୨୦୧୨ରେ ଫାଇଲିନ ପରି ବାତ୍ୟାରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେହିବର୍ଷଠାରୁ ପ୍ରତିବର୍ଷ ରାଜ୍ୟରେ ସାମୁଦ୍ରିକ ଝଡ ବିପର୍ଯ୍ୟୟର କାରଣ ହୋଇଥିବାବେଳେ ଏବେ ୨୦୧୮ ମସିହାରୁ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ମଧ୍ୟ ସାମୁଦ୍ରିକ ବାତ୍ୟା ଦ୍ୱାରା ରାଜ୍ୟର ଉପକୂଳ ଅଂଚଳ କ୍ଷତିଗ୍ରସ୍ତ ହେଉଛି। କେବଳ ଆମ ରାଜ୍ୟ ନୁହେଁ, ପଶ୍ଚିମ ଉପକୂଳ ଅଂଚଳରେ ମଧ୍ୟ ବର୍ଷା ଓ ଗ୍ରୀଷ୍ମଋତୁରେ ସାମୁଦ୍ରିକ ଝଡବାତ୍ୟା ସଂଘଟିତ ହେଉଛି। ସେହିପରି ବିଶ୍ୱର ସମସ୍ତ ମହାଦେଶ ଏବଂ ସମୁଦ୍ର କୂଳରେ ଅବସ୍ଥିତ ଦେଶଗୁଡିକରେ ପ୍ରତିବର୍ଷ ଝଡବାତ୍ୟା ସୃଷ୍ଟି ହେଉଛି। ଯାହାର ସଂଖ୍ୟା ବର୍ଷକୁ ବର୍ଷ ବଢିଚାଲିଛି। ସେହିପରି ଗ୍ରୀଷ୍ମପ୍ରବାହ ଯୋଗୁଁ ୧୯୯୮ର ଅଂଶୁଘାତ ମୃତ୍ୟୁ ଏ ପର୍ଯ୍ୟନ୍ତ ମନରୁ ଲିଭିନାହିଁ। ସେହିପରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗ୍ରୀଷ୍ମପ୍ରବାହ ମଧ୍ୟ କିଛି କମ୍ ନୁହେଁ। ଅଷ୍ଟ୍ରେଲିଆ, ୟୁରୋପ ମହାଦେଶରେ ଅଭୂତପୂର୍ବ ଗ୍ରୀଷ୍ମ ପ୍ରବାହ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦୁଇ ମେରୁରେ ବରଫ ତରଳିବା ସହ ସମୁଦ୍ର ଜଳ ପତନ ବଢିବାରେ ଲାଗିଛି। ଗତ କିଛିବର୍ଷ ମଧ୍ୟରେ ସମୁଦ୍ର ଜଳପତନ ବୃଦ୍ଧି ପାଉଥିବାବେଳେ ଆଗକୁ ଆହୁରି ବଢିବ ବୋଲି ପାଣିପାଗ ବିଶାରଦମାନେ ଚେତାବନୀ ଦେଇଛନ୍ତି। ଆହୁରି ମଧ୍ୟ ସମୁଦ୍ର ଜଳପତନ ବୃଦ୍ଧି ଯୋଗୁଁ ଭାରତ ସମେତ ବିଶ୍ୱର ବହୁ ଉପକୂଳ ଅଂଚଳ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ବୋଲି ବୈଜ୍ଞାନିକମାନେ ସତର୍କବାଣୀ ଶୁଣାଇ ସାରିଲେଣି। ଅନ୍ୟପକ୍ଷରେ ସମୁଦ୍ରରେ ଏବେ ଉଚ୍ଚ ଢେଉ ସୃଷ୍ଟି ହେବା କୂଳ ଲଂଘନ କରୁଥିବା ମଧ୍ୟ ଦେଖାଯାଏ। ଅନ୍ୟପକ୍ଷରେ ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ଯୋଗୁଁ ଯେଉଁ ଯେଉଁ ଚିନ୍ତାଜନକ ପରିସ୍ଥିତି ଉପୁଜିଛି, ତାହା ହେଉଛି ହିମାଳୟରେ ବରଫ ତରଳିବା। କୁହାଯାଇଛି ଯେ, ହିମାଳୟରେ ବରଫ ତରଳିବା ଯୋଗୁଁ ୪୦ ପ୍ରତିଶତ କ୍ଷୟ ଘଟି ସାରିଲାଣି। ଦୁଇବର୍ଷ ତଳେ ହିମାଳୟରେ ବରଫ ଖଣ୍ଡ ତରଳି ଅଚାନକ ବନ୍ୟା ପରିସ୍ଥିତି ଉପୁଜିଥିଲା, ଯେଉଁଥିରେ ବ୍ୟାପକ ଧନଜୀବନ କ୍ଷତି ଘଟିଥିଲା। ଆହୁରି ମଧ୍ୟ ବରଫ ଖଣ୍ଡ (ଗ୍ଲେସିୟର) ତରଳି ପେଙ୍ଗାଙ୍ଗ ହ୍ରଦ ପାଣିରେ ଲଦାଖ ଭୂଖଣ୍ଡ ଦିନେ ପାଣିରେ ବୁଡିବ ବୋଲି ପାଣିପାଗ ବିଶେଷଜ୍ଞମାନେ ସତର୍କ କରାଇ ସାରିଲେଣି। ଏବେ ବରଫ ଖଣ୍ଡ ତରଳିବା ଯୋଗୁଁ ପ୍ରତିବର୍ଷ ପେଙ୍ଗାଙ୍ଗ ହ୍ରଦର ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଗବେଷକମାନଙ୍କ ରିପୋର୍ଟ ଅନୁଯାୟୀ ୧୯୯୦ରୁ ୨୦୨୦ ମସିହା ମଧ୍ୟରେ ୬.୭ ପ୍ରତିଶତ ଗ୍ଲେସିୟର ତରଳିଛି। ପ୍ରତିବର୍ଷ ୦.୨୩ ପ୍ରତିଶିତ ଗ୍ଲେସିୟର ତରଳୁଛି। ଜଳବାୟୁରେ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଇବା ଯୋଗୁଁ ବାୟୁମଣ୍ଡଳ ଉତପ୍ତ ହେବା ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଶିଳ୍ପବିକାଶ, ବନାଗ୍ନି, ଆଖିବୁଜା ଗଛକଟା, ଯାନବାହାନରୁ ନିର୍ଗତ ଧୂଆଁ ଯୋଗୁଁ ୧୭୫୦ ମସିହାଠାରୁ ବିଶ୍ୱରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ପାଇଥିବାବେଳେ ୧୯୭୦ ମସିହା ପରଠାରୁ ବିଶ୍ୱ ତାପମାତ୍ରା ବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୫୦ବର୍ଷ ମଧ୍ୟରେ ବିଶ୍ୱ ତାପମାତ୍ରା ଯେତିକି ବୃଦ୍ଧି ପାଇଛି, ଗତ ଦୁଇ ହଜାର ବର୍ଷ ମଧ୍ୟରେ ସେତିକି ବୃଦ୍ଧି ପାଇନଥିଲା। ବିଶ୍ୱ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବଂ ତାପମାତ୍ରା ବୃଦ୍ଧି କେବଳ ପ୍ରାକୃତିକ ବିପର୍ଯ୍ୟୟର କାରଣ ହୋଇନାହିଁ, ଏହାଦ୍ୱାରା ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା, ଶସ୍ୟହାନୀ, ଖାଦ୍ୟାଭାବ, ଜଳାଭାବ ଏବଂ କୋରୋନା ପରି ମହାମାରୀ ପରିସ୍ଥିତିର ସମ୍ମୁଖୀନ ହେବା ନିଶ୍ଚିତ ବୋଲି ଜାତିସଂଘ ରିପୋର୍ଟରେ ଉଲ୍ଲେଖ କରିଛି। ଏହା ସତ୍ୟ ଯେ, ପ୍ରକୃତି ଉପରେ ମଣିଷର ଅତ୍ୟାଚାର ଯେତିକି ଯେତିକି ବଢୁଛି, ପ୍ରକୃତିର କୋପ ସେତିକି ବଢୁଛି। ଏଥିପ୍ରତି ମାନବ ସମାଜ ବେହଲୁଁ ସଚେତନ ହେବା ଜରୁରୀ। ଅନ୍ୟଥା ପୁରାଣବର୍ଣ୍ଣିତ ଜଳପ୍ରଳୟ ଆଦି ବେଶୀ ଦୂର ନୁହେଁ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

# ଶିକ୍ଷିତ ବେକାରୀଙ୍କ କଥା

ଦିନ ଥିଲା ପାଠ ନପଢ଼ିଲେ କିଛି କାମ ତ' ମିଳିବା ଦୂରର କଥା ମୂର୍ଖ ବୋଲି ଗଣାଯାଉଥିଲା। ହେଲେ ଯୁଗ ସହିତ ଲୋକମାନଙ୍କର ଶିକ୍ଷାଦିକ୍ଷାର ଢ଼ଙ୍ଗରଙ୍ଗ ସବୁପ୍ରକାର ମଧ୍ୟ ବଦଳିଛି। ତେବେ ଆଜିକାଲି ଏକ ବିଚିତ୍ର ପରିସ୍ଥିତିକୁ ଆମ୍ଭେମାନେ ସାମ୍ନା କରୁଛେ। ତାହା ଯିଏ ଯେତେ ବେଶି ପାଠ ପଢ଼ିଛି ବା ଡିଗ୍ରୀ ପାଇବା ହୋଇଥାଉ ବରଂ ଥାକ ଥାକ ସାର୍ଟିଫିକେଟ କିନ୍ତୁ ତାର ପ୍ରତିଭା ତୁଳନାରେ ତାକୁ କାର୍ଯ୍ୟ ମିଳୁନାହିଁ। ସେ ହେଉଛି ସବୁଠାରୁ ବଡ଼ ବେକାର। ଅଭାବେ ସ୍ୱଭାବ ନଷ୍ଟପରି କେଉଁଠି ସର୍ବାଧିକ ଯୋଗ୍ୟ ପ୍ରତିଭାବାନ ଛାତ୍ରଟି କୁଲିଗିରି କରିବାକୁ ପଛାଉନାହିଁ ତ' କେଉଁଠି ଦଲାଲ ହାବୁଡରେ ପଡ଼ି ଦାଦନ ଯାଉଛି। ବେକାର ହୋଇ କୁସଙ୍ଗରେ ପଡ଼ି ନିଶାସେବନ କରି ଜରାଗ୍ରସ୍ତ ଏପରିକି ଜୀବନହାନିର ଘଟଣା ପ୍ରାୟତଃ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। କେବଳ ଗ୍ରାମାଞ୍ଚଳ ନୁହେଁ ସହରାଞ୍ଚଳରେ ମଧ୍ୟ ସବୁଠି କାମର ଅଭାବ। ତେବେ ସବୁକ୍ଷେତ୍ରରେ ଯେ ଲାଞ୍ଚ ଦେଲେ ଚାକିରୀ ମିଳିଥାଏ ତାହା ଭାବିବା ବି ଭୁଲ। ତେବେ ବିଚିତ୍ର ଭାବରେ ଦେଖାଯାଇଥାଏ ଅନେକ କ୍ଷେତ୍ରରେ ଯୋଗ୍ୟ ପ୍ରାର୍ଥୀମାନେ ଚାକିରୀ ପାଇପାରୁନଥିବା ସ୍ଥଳେ ଅଯୋଗ୍ୟମାନେ ଚାକିରୀ ପାଇଯାଉଛନ୍ତି। ଆଜିକାଲି ତଥାକଥିତ ଗଡ଼ଫାଦରଙ୍କ ଆଶୀର୍ବାଦ ଥିଲେ ସବୁକିଛି ସମ୍ଭବ। କିନ୍ତୁ ବାସ୍ତବ କଥା ହେଉଛି ପ୍ରତିଭାବାନମାନେ ଦେଶର ବା ରାଜ୍ୟର ଶାସନ ବ୍ୟବସ୍ଥାରେ ଜଡ଼ିତ ନହେଲେ ତାହା ପ୍ରଗତି ପାଇଁ ନିଶ୍ଚିତ ଭାବରେ ବାଧକ ହେବ। ତେବେ କେବଳ ପୁରୁଷ ନୁହଁନ୍ତି ବେଶି ମହିଳାମାନେ ମଧ୍ୟ ବେକାର ହେବାକୁ ବସିଲେଣି। ଦେଖାଯାଉଛି ଦେଖାଶିଖା ନ୍ୟାୟରେ ପାଖ ଘର ପିଲାଟି ଯଦି କଲେଜ ଯାଉଛି ତା'ହେଲେ ଆରପାଖ ଘରର ଝିଅଟି ତା'ଘରର ସ୍ଥିତିକୁ ନବୁଝି କଲେଜରେ ନାଁ ଲେଖାଇବା ପାଇଁ ଗୋଡ଼ କଚାଡୁଛି। ବିଚରା ବାପ ବାପୁଡ଼ାଟି ବା କ'ଣ କରିବ ? ସବୁ ଝିଅଙ୍କ ସ୍ଥିତି ବି ସମାନ ନୁହେଁ । ନିଜ ପ୍ରତିଭାରେ ନିଜ ପରିବାର, ଗାଁ ଓ ରାଜ୍ୟର ସୁନାମ ଆଣିଥିବା ଝିଅମାନଙ୍କର ତାଲିକା ବି ବେଶ୍ ଲମ୍ବା। ପରିସଂଖ୍ୟାନରୁ ଜଣାଯାଇଛି ଭାରତର ସହରାଞ୍ଚଳରେ ଅଶିକ୍ଷିତ ବେକାରଙ୍କ ସଂଖ୍ୟା ୧.୦୩ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ହେଉଛି ୧.୧ ପ୍ରତିଶତ। ସେହିପରି ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିବା ସହରୀ ବେକାରୀଙ୍କ ସଂଖ୍ୟା ୪.୪ ପ୍ରତିଶତ ଓ ଗ୍ରାମୀଣ ବେକାରୀଙ୍କ ସଂଖ୍ୟା ୫.୪ ପ୍ରତିଶତ। ସେହିପରି ସହରାଞ୍ଚଳର ଗ୍ରାଜୁଏଟ୍ ବେକାରଙ୍କ ସଂଖ୍ୟା ୮.୪ ପ୍ରତିଶତ ହୋଇଥିବା ବେଳେ ଗ୍ରାମାଞ୍ଚଳ ଗ୍ରାଜୁଏଟ ବେକାରଙ୍କ ସଂଖ୍ୟା ୧୧ ପ୍ରତିଶତ। କେବଳ ସହରରେ ବେକାର ପୋଷ୍ଟଗ୍ରାଜୁଏଟ ୭.୭ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ଏମାନଙ୍କ ସଂଖ୍ୟା ୧୩.୯ ପ୍ରତିଶତ। ପରିସଂଖ୍ୟାନର ତଥ୍ୟ ସୂଚୀତ କରୁଛି ଯେ ଯିଏ ସେତେ ଶିକ୍ଷିତ ସେଠାରେ ବେକାରୀ ହେବାର ବେଶି ଭୟ। ତେବେ ସବୁକ୍ଷେତ୍ରକୁ ଆମେ ଗୋଟିଏ ନିକିତରେ ତଉଲୁ ନାହୁଁ ଅନେକ ଅଶିକ୍ଷିତ ବା ବେଶୀ ପାଠସାଠ ନପଢ଼ି ବି ବେଶ ନିଜ ବିଦ୍ୟାବୁଦ୍ଧିରେ ରୋଜଗାରକ୍ଷମ ହୋଇ ବିଭିନ୍ନ ପ୍ରଶଂସନୀୟ ଉଦ୍ୟମରେ ନିଜକୁ ବ୍ରତୀ କରୁଛନ୍ତି। ତେବେ ବର୍ତ୍ତମାନର ପରିସ୍ଥିତି କିନ୍ତୁ ସମ୍ପୂର୍ଣ୍ଣରୂପେ ଭିନ୍ନ। ମୁଦ୍ରାସ୍ଫୀତିର ଭୟଙ୍କର ଦାବାନାଳ ଓ ଦରଦାମ୍‌ର ପରିସ୍ଥିତି ସହ ସରକାରଙ୍କ ଭିତ୍ତିଭୂମିର ବ୍ୟାପକ ଅଭାବ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ବେକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବର୍ଷ ବର୍ଷ ଧରି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡୁଥିଲେ ବି କାମଚଳା ଭାବରେ ଜଣକୁ ଦଶ ଦଶଟା ଦାୟିତ୍ୱ ଧରାଇ ଦିଆଯାଉଛି। ଏହାର ପରିସ୍ଥିତି ଯାହା ହେବ। ଯୁବବର୍ଗଙ୍କ ଭିତରୁ ଅନେକ ଶିକ୍ଷିତ ବେକାର ହେବା ପଛରେ ବଡ଼ କାରଣ ହେଉଛି ହୀନମନ୍ୟତା। କୌଣସି କାମ ଛୋଟ ବା ବଡ଼ ନୁହେଁ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବାଣୀକୁ କ'ଣ କେହି କେବେ ଭାବୁଛନ୍ତି ? ଯେଉଁ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ଯୁବପିଢ଼ୀ ନିଜେ କିଛି ନିଜ ପାଇଁ ପଛକୁ ଭାବି ରାଷ୍ଟ୍ରର ପାଇଁ ନିଜର ଦାୟିତ୍ୱ ଚିନ୍ତା ନକରିଛି ସେ ପର୍ଯ୍ୟନ୍ତ ଏ ରାଷ୍ଟ୍ରର ପ୍ରଗତି କେତେଦୂର ବା ସମ୍ଭବ ହୋଇପାରିବ ? ଶିକ୍ଷା କେବଳ ଚାକିରୀ ପାଇଁ ଉଦ୍ଦିଷ୍ଟ ବୋଲି ଯେତେଦିନ ପର୍ଯ୍ୟନ୍ତ ଧରାଯାଉଥିବ ଏ ସମସ୍ୟା ବଢ଼ିବ ବରଂ କିନ୍ତୁ ସମାଧାନର ରାସ୍ତା ବାହାରିପାରିବ ନାହିଁ। ଶିକ୍ଷା ସମାଜ ଓ ସଂସ୍କାରର ବିଭିନ୍ନ ଅଜଣା କଥାକୁ ଜାଣିବା ପାଇଁ ଆବଶ୍ୟକ କେବଳ ଚାକିରୀ ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ତେଣୁ ଭାରତବର୍ଷର ଯୁବକଯୁବତୀମାନେ ନିଜ ପ୍ରତିଭାକୁ ନେଇ ଚାକିରୀ ପଛରେ ନଗୋଡ଼େଇ ବରଂ ସ୍ୱାବଲମ୍ବୀ ରାସ୍ତାରେ ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଯତ୍ନବାନ ହେବା ଉଚିତ। ନିଜ ପାଠ୍ୟ ମୁତାବକ କର୍ମସଂସ୍ଥାନ ନମିଳିଲେ ହତୋତ୍ସାହିତ ନହୋଇ ରୋଜଗାରର ଅନ୍ୟ ପନ୍ଥା ଧରିବା ଆବଶ୍ୟକ। ଅଶିକ୍ଷିତ ବେକାର ରହିବା ପଛରେ ବଡ଼ ଗୂଢ଼ କାରଣ ହେଉଛି ଯେ ସେମାନେ କୌଣସି କାର୍ଯ୍ୟକୁ ଛୋଟ ବୋଲି ଭାବିନଥାନ୍ତି। ବ୍ରିଟେନ୍ ଓ ଆମେରିକା ଭଳି ପ୍ରଗତିଶୀଳ ରାଷ୍ଟ୍ରରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଆମ ଦେଶଠାରୁ କମ୍। ସେଠାରେ ଯେ କର୍ମସଂସ୍ଥାନ ବହୁତ ରହିଛି ତା ନୁହେଁ କିନ୍ତୁ ସେମାନେ କୌଣସି କାମକୁ ଛୋଟ ବା ବଡ଼ ଦୃଷ୍ଟିରେ ନଦେଖି ନିଜ କାମ ନିଜେ କରିବାକୁ ପସନ୍ଦ କରିଥାନ୍ତି। ଭାରତବର୍ଷର ମହାନ ସଂସ୍କୃତି ଭାଇଚାରର ସଂସ୍କୃତି। ସମଗ୍ର ବସୁଧା ହେଉଛି ଆମର ମାତା। ତେଣୁ ଲମ୍ବା ଜୀବନର ରାସ୍ତାକୁ ଅତିକ୍ରମ କରି ନିଜ ପରିବାର, ସମାଜର ଓ ରାଷ୍ଟ୍ରର ଦାୟିତ୍ୱ ନିର୍ବାହ ପୂର୍ବରୁ ନିଜକୁ ନିଜ ବିବେକକୁ ପ୍ରଶ୍ନ କରିବା ଉଚିତ ଯେ, ନିଜ ପାଇଁ କିଛି ଛୋଟ ବା ବଡ଼ ନୁହେଁ। ଶିକ୍ଷିତ ହୋଇ ବେକାର ହେବା ଅପେକ୍ଷା ନିଜ ପାରିପାର୍ଶ୍ୱିକ ଓ ପାରିବାରିକ ତଥା ସବୁ ଦିଗର ସ୍ଥିତିକୁ ଦେଖି ସ୍ୱାବଲମ୍ବୀର ଜୀବନ ବିତାଇବା ବରଂ ମର୍ଯ୍ୟାଦାର ପ୍ରସଙ୍ଗ। ତେବେ ଅଧ୍ୟବସାୟ, ଦୈବୀ ଆଶୀର୍ବାଦ ଓ ପିତାମାତାଙ୍କ କୃପା ଥିଲେ ବଣରେ ଫୁଟୁଥିବା ଫୁଲଟିର ମହକ ନିଶ୍ଚିତ ଭାବରେ ସମାଜକୁ ସୁରଭିତ କରିପାରିବ।

# ରାଜ୍ୟର ସମସ୍ତ ଖାଲି ପଡିଥିବା ପଦବୀ ପୁରଣ ଓ ଆଉଟସୋର୍ସ ଶ୍ରମିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ସି.ପି.ଆଇ.(ଏମ୍)ର ଦାବୀ

ଭୁବନେଶ୍ୱର (ପିଏନ୍): ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏଠାରେ ଏକ ବିବୃତ୍ତିରେ କହିଛନ୍ତି ଯେ ଗତକାଲି ଓଡିଶା ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ୫୭୦୦୦ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ସ୍ଥାୟୀ କରିବା ଘୋଷଣା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ୨୦୧୩ରୁ ପ୍ରଚଳିତ ଏହି କର୍ମଚାରୀ ବିରୋଧି ପଦକ୍ଷେପ ନାକଚ କରିବା ସଙ୍ଗେ ସଙ୍ଗେ ରାଜ୍ୟର ବିଭିନ୍ନ ବିଭାଗ ସହ ବିଦ୍ୟୁତ କ୍ଷେତ୍ର ପରି ସରକାରୀରୁ ବେସରକାରୀ ହୋଇଥିବା ସଂସ୍ଥା ମାନଙ୍କରେ କାର୍ଯ୍ୟରତ ୨ ଲକ୍ଷରୁ ଉର୍ଦ୍ଧ୍ୱ ଆଉଟ ସୋର୍ସ ଶ୍ରମିକ ଓ କର୍ମଚାରୀ ସ୍ୱଳ୍ପ ଦରମା ସହ ବର୍ଷ ବର୍ଷ ଧରି ଅନିଶ୍ଚିତତା ମଧ୍ୟରେ ରହିଛନ୍ତି । ଯଦିଓ ଏହି ଶ୬ମିକ ଓ କର୍ମଚାରୀ ସ୍ଥାୟୀ କର୍ମଚାରୀଙ୍କ କାର୍ଯ୍ୟକୁ ତୁଲାଉଛନ୍ତି, କିନ୍ତ ସେମାନଙ୍କ ଚାକିରୀରେ କୌଣସି ନିରାପତ୍ତା ନାହିଁ । ଏଥିସହ ଗତକାଲିର ଘୋଷଣା କେବଳ ୨୦୧୩ ମସିହାରୁ ପ୍ରଣୀତ ଚୁକ୍ତିଭିତ୍ତିକ ନିଯୁକ୍ତି ରୁଲ ଦ୍ୱରା କର୍ମଚାରୀମାନଙ୍କ ପ୍ରତି ପ୍ରଯ୍ୟୁଜ୍ୟ । ଏମାନଙ୍କୁ ବାଦ ଦେଲେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ଜଳସେଚନ ଆଦି ସମସ୍ତ ବିଭାଗରେ ଏବଂ ବିଭିନ୍ନ ସ୍ଥାୟୀ ପ୍ରକଳ୍ପ ଗୁଡିକରେ ରହିଥିବା ଆହୁରି ଲକ୍ଷାଧିକ କର୍ମଚାରୀ ଏହାଦ୍ୱାରା ଉପକୃତ ହେବେ ନାହିଁ ।

୨୦୧୩ ରୁଲ୍ ଅନୁଯାୟୀ ଛ'ବର୍ଷ ପରେ ରେଗୁଲାର ହେବା ବ୍ୟବସ୍ଥା ଥିଲେ ସୁଦ୍ଧା ୨୦୨୨ ପର୍ଯ୍ୟନ୍ତ ବହୁ କର୍ମଚାରୀ ସ୍ଥାୟୀ ନିଯୁକ୍ତିରୁ ବଞ୍ଚିତ କରି ରଖା ଯାଇଥିଲା । ବିଭିନ୍ନ ବିଭାଗର ବହୁ କର୍ମଚାରୀ ହାଇକୋର୍ଟରେ ସ୍ଥାୟୀ ନିଯୁକ୍ତି ପାଇଁ ମକଦ୍ଦମା କରି ସପକ୍ଷରେ ରାୟ ପାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ କରାଯାଉନଥିଲା । ଏହା ଦ୍ୱାରା ସମସ୍ତ ଅସ୍ଥାୟୀ କର୍ମଚାରୀ ଉପକୃତ ହେବେ ନାହିଁ ।

ରାଜ୍ୟ ସରକାର ରାଜ୍ୟର ବିଦ୍ୟୁତ ବିତରଣ ବ୍ୟବସ୍ଥା ଟାଟା କମ୍ପାନୀ ହାତରେ ସମର୍ପି ଦେବା ବେଳେ ୨ ଲକ୍ଷ ପର୍ଯ୍ୟନ୍ତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀ ବିଦ୍ୟୁତ୍ କ୍ଷେତ୍ରରେ ବର୍ଷ ବର୍ଷ ଧରି ରହିଛନ୍ତି ରାଜ୍ୟ ସରକାର ଟାଟା ହାତକୁ ବିଦ୍ୟୁତ ବିତରଣ ବ୍ୟବସ୍ଥା ଟେକି ଦେବା ବେଳେ ଏମାନଙ୍କ ପ୍ରସଙ୍ଗ ସଂପୂର୍ଣ୍ଣ ଅଣଦେଖା କଲେ । ଏଣୁ ବିଦ୍ୟୁତ୍ କ୍ଷେତ୍ରରେ ନିୟୋଜିତ ଆଉଟସୋର୍ସ ଶ୍ରମିକ ଓ କର୍ମଚାରୀଙ୍କ ସମେତ ସମସ୍ତ ଆଉଟସୋର୍ସ ସ୍ଥାୟୀ ପ୍ରକଳ୍ପର ଶ୍ରମିକ କର୍ମଚାରୀଙ୍କୁ ବିନା ସର୍ତ୍ତରେ ସ୍ଥାୟୀ ଦେବା ସଙ୍ଗେ ସଙ୍ଗେ ରାଜ୍ୟର ସମସ୍ତ ବିଭାଗରେ ଖାଲିଥିବା ୨ ଲକ୍ଷରୁ ଅଧିକ ଖାଲି ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ସି.ପି.ଆଇ.(ଏମ୍) ଓଡିଶା ରାଜ୍ୟ କମିଟି ଦାବି କରୁଛୁ ।

# ନଳିତା ବିଡ଼ାକୁ ନେଇ ମାରପିଟ୍ ଘଟଣାରେ ୫ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପଟୁଣିଆ ପଞ୍ଚାୟତ ଢିଅନରସିଂହପୁର ଗ୍ରାମରେ ନଳିତା ବିଡ଼ାକୁ ନିଜର ବୋଲି ଦାବିକରି ଦୁଇ ପରିବାର ମଧ୍ୟରେ ଗତ ୧୩ ତାରିଖରେ ହୋଇଥିବା ମାଡପିଟ ଘଟଣାରେ ପୁଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଢିହନରସିଂହପୁର ଗ୍ରାମରେ ନଳିତା ବିଡାକୁ ନେଇ ୨ଟି ପରିବାର ମଧ୍ୟରେ ମାରପିଟ ହୋଇଥିଲା। ଏହି ଘଟଣାରେ ଗୋଟିଏ ପରିବାରର ୪ଜଣ ଆହତ ହୋଇଥିବା ବେଳେ ଅନ୍ୟଏକ ପରିବାରର ଜଣେ ଆହତ ହୋଇଥିଲେ । ଏଥିନେଇ ଚଇନଙ୍କ ପତ୍ନୀ ଲକ୍ଷ୍ମୀ ଦଳେଇ ଥାନାରେ ଓ ପ୍ରତିପକ୍ଷ ଗୋଷ୍ଠୀର ବିନୋଦ ଦଳେଇ ଉଭୟ ପରିବାରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଏନେଇ ପୁଲିସ ୫୬/୨୨ ଓ ୫୬୪/୨୨ରେ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ତେବେ ପୁଲିସ ଢିହନରସିଂହପୁର ଗ୍ରାମର ଗୋଟିଏ ଗୋଷ୍ଠିର ବିନୋଦ ଦଳେଇଙ୍କ ପୁଅ ବାଇଧର ଦଳେଇ (୨୩), ବୁଦ୍ଧିଆ ଦଳେଇ (୨୫) ଓ ମାନଗୋବିନ୍ଦ ଦଳେଇଙ୍କ ପୁଅ ମିଥୁନ ଦଳେଇ(୨୮),ଚନ୍ଦନ ଦଳେଇ (୨୧)ଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ଗୋଷ୍ଠିର ଚଇନ ଦଳେଇଙ୍କ ପୁଅ ସାଗର ଦଳେଇ (୨୧)ଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରିଛି ବୋଲି କୋତପୁର ଫାଣ୍ଡି ଅଧିକାରୀ ପ୍ରେମାନନ୍ଦ ପୃଷ୍ଟି ସୂଚନା ଦେଇଛନ୍ତି ।

# ବହୁ ପ୍ରତିକ୍ଷାର ଅନ୍ତ ଘଟିଲା, ନବନିର୍ମିତ ଜାରକା ଓଭର ବ୍ରିଜ୍‌ରେ ଗାଡି ଗଡିଲା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଛକ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର ଜାରକା ଛକ ଠାରେ ନବନିର୍ମିତ ଓଭର ବ୍ରିଜ ଦେଇ ଗାଡି ଯାତାୟାତ କରିଛି । ୨୦୧୮ ମସିହାରେ ଦ୍ୱିତୀୟ ଥାର ଲାଗି ଜାତୀୟ ରାଜପଥ ପ୍ରଶସ୍ତିକରଣ କାମ ଆରମ୍ଭ ହୋଇଥିଲା ବେଳେ ଜାରକା ଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ହୋଇଥିଲା । ଏଥିଲାଗି ସ୍ଥାନୀୟ ଅଂଚଳର ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି ଓ ସାମ୍ବାଦିକମାନଙ୍କୁ ନେଇ ଧର୍ମଶାଳା ଡେଭେଲପ୍‌ମେଂଟ କମିଟି ନାମରେ ଏକ ସଙ୍ଗଠନ ଗଠନ କରାଯାଇ ଓଭରବ୍ରିଜ ନିର୍ମାଣ ପାଇଁ ଦାବି ଉପସ୍ଥାପନା କରାଯାଇଥିଲା । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା ଓ ଆନ୍ଦୋଳନ ପରେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ରାଜି ହୋଇଥିଲେ । ୨୦୨୦ ମସିହା ଜୁନ ମାସରେ ଏହାର କାମ ଆରମ୍ଭ ହୋଇଥିଲା । ଓଭରବ୍ରିଜ ନିର୍ମାଣ ପାଇଁ ୧୬ ନମ୍ବର ଜାତୀୟ ରାଜପଥକୁ ଖୋଳାଯାଇ ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଥିଲା । ମୁଖ୍ୟ ରାସ୍ତାରେ କାମ ହେବାରୁ ଗାଡିଗୁଡିକ ବାଇପାସ ରାସ୍ତା ଦେଇ ଯାତାୟାତ ଆରମ୍ଭ ହୋଇଥିଲା । ତେବେ ଏଠାରେ ୧୮ ମାସ ମଧ୍ୟରେ ଓଭରବ୍ରିଜ ନିର୍ମାଣ କାମ ଶେଷ ହେବ ବୋଲି କାମ କରୁଥିବା ଠିକାସଂସ୍ଥା ପକ୍ଷରୁ କୁହାଯାଇଥିଲା । ହେଲେ ମନ୍ଥର ଗତିରେ କାମ ଚାଲୁଥିବାରୁ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବାକୁ ଦୀର୍ଘବର୍ଷ ଲାଗିବା ଆଶଙ୍କା କରି ସ୍ଥାନୀୟ ଡେଭେଲପମେଂଟ କମିଟି ଓ ବଜାର କମିଟି ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇବା ସହ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ଠିକାସଂସ୍ଥାକୁ ଭେଟି ରାସ୍ତା ନିର୍ମାଣରେ ବିଳମ୍ବତାକୁ ନେଇ ଅଭିଯୋଗ ଉଠାଇଥିଲେ । ତେବେ ବହୁ ପ୍ରତିକ୍ଷାର ଅବସାନ ଘଟିଛି, ଓଭରବ୍ରିଜ ଦେଇ ଗାଡିଗୁଡିକ ଯାତାୟାତ କରିଛି । ଦୀର୍ଘ ୨୮ ମାସ ପରେ ଗାଡିଗୁଡିକ ମୁଖ୍ୟରାସ୍ତା ଦେଇ ଚଳାଚଳ କରିବାରୁ ଦୀର୍ଘଦିନ ହେଲା ବାଇପାସ ରାସ୍ତାରେ ଗାଡି ଚଳାଚଳ ଯୋଗୁ ହୀନସ୍ତା ଭୋଗୁଥିବା ଜାରକା ବଜାରର ବ୍ୟବସାୟୀ ଓ ସାଧାରଣ ଲୋକେ ଆଜି ଆଶ୍ୱସ୍ତି ଅନୁଭବ କରିଛନ୍ତି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ରଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଅକ୍ଟୋବର ୨୦

# ପାରଗ ଅପାରଗ



ସବଳ ଅତିବଳ ମାନେ ପାରଗ, ଦୁର୍ବଳ ହୀନବଳମାନେ ଅପାରଗ। ଦୁର୍ବଳମାନଙ୍କୁ ବଳ ରାଜା ଦେଇପାରନ୍ତି, ରୋଗ ଭୋକ୍ତା ସ୍ୱାସ୍ଥ୍ୟହାନି ଅବସ୍ଥାସମ୍ପନ୍ନଙ୍କୁ ଡାକ୍ତର ଓ ଔଷଧ ସବଳ କରାଇଥାନ୍ତି। ଅପାରଗ ଶିଶୁର କାନ୍ଦଣା ହିଁ ବଳ। ଏସବୁ ପାରଗ, ଅପାରଗର ଧାରା। ଭିନ୍ନ ଦୃଷ୍ଟିରେ ତର୍ଜମା କଲେ ବୁଝାପଡ଼ିବ ଯେ ସମୟ ଅନୁସାରେ ସମସ୍ୟା ଆଗତରେ ଯେ ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି ସେ ପାରଗ, ଯେ ହାରିଗଲା ଫେଲ ହୋଇଗଲା ସେ ଅପାରଗ ପୁଣି ଅପାରଗଙ୍କ ସନ୍ତ୍ୱନା ବି ଧାରା କିଛି ଲଗାଯାଇଛି ଶତକଡ଼ା ଧାରା, ଏଥିରେ କେତେ ସଂଖ୍ୟାରେ ଅପାରଗ କେତେ ସଂଖ୍ୟା ପାରଗ ଧାର୍ଯ୍ୟ କରି କିଛି ତୋଷର ବ୍ୟବସ୍ଥା କରିଦିଆଯାଉଛି। ଭୋଟ ଲଢ଼େଇରେ ଜନମତ ଏକ ସ୍ଥାନ ପାଇଁ ବିଭିନ୍ନ ପ୍ରାର୍ଥୀଙ୍କ ପାଇଁ ନିଆଯାଉଛି। ଯେ ଅଧିକ ଭୋଟ ପାଉଛି ତାକୁ ହିଁ ଜିତାପଟରେ ନିଆଯାଉଛି। ଯେ ତାଙ୍କ ଠାରୁ କମ ଭୋଟ ପାଉଛନ୍ତି ତାଙ୍କର ତୋଷ କିଛି ନାହିଁ। ବରଂ ସେ ଲଢ଼ାଇରେ ହାର ଅର୍ଥହରା, ସମୟହରା ଏକ ପ୍ରକାର ଲାଞ୍ଛିତ, ଅପମାନିତ ସ୍ତରରେ ରହୁଛନ୍ତି। ଚାକିରୀ ପାଇଁ ଇଣ୍ଟରଭ୍ୟୁରେ ଜିତିଗଲେ ଚାକିରୀ ହୋଇଯାଏ, ଏପରି ଧାରାରେ ପୂର୍ବେ ଦରମା ହାର ଏକ ନିର୍ଦ୍ଦିଷ୍ଟ ହାରରେ ଧାର୍ଯ୍ୟ ରହି ସମୟାନ୍ତରକୁ ପଇସା, ପଦବୀ ବଢ଼ି ବଢ଼ି ଚାଲୁଥିଲା। ମାତ୍ର ଏମିତି ସମୟ ଆସିଗଲାଣି ଚାକିରୀ ପାଇଁ ପାଉଣା କେତେ ନେବେ ଚାକିରୀଆଙ୍କୁ ଏବେ ପଚରାଯାଉଛି। ଅବଶ୍ୟ କମ୍ପାନୀ, ଠିକାଦାରୀ, ଚାକିରୀରେ ଏପରି ନିୟମ ଲଗାଯାଇଛି। ଯଦି ପ୍ରାର୍ଥୀ ପଇସା ଅଧିକା କହୁଛି ଚାକିରୀ କାଳେ ନ ମିଳିବ ? ଯଦି କମ୍ କହୁଛି କାମର ସମୟର ପରିସୀମାରେ ଧାର୍ଯ୍ୟ କାର୍ଯ୍ୟଟି ସାରି ସେ ଦିନର କାର୍ଯ୍ୟ ଅବ୍ୟାହତି ନେବା ସମୟ ଏମିତି ନିଜର ଖାଇବା ପିଇବା ଶୟନାଦିରୁ ସମୟ କାଟିବାକୁ ପଡୁଛି। କର୍ମଚାରୀଙ୍କ ମଧ୍ୟରେ ସ୍ଥାୟୀମାନଙ୍କର ଭବିଷ୍ୟତ ଅଛି। ଅସ୍ଥାୟୀମାନଙ୍କର ଭବିଷ୍ୟତ କିଛି ନାହିଁ ଅଥଚ ଅସ୍ଥାୟୀମାନେ ଯେତେ ଯେମିତି କାମ କରୁଛନ୍ତି ସ୍ଥାୟୀମାନେ ଏପରି ଠିକ୍ ସମୟରେ ଠିକ କାମ କରିବା ସବୁ କ୍ଷେତ୍ରରେ ସଠିକ ନୁହେଁ। ସ୍ଥାୟୀମାନେ ସ୍ୱ-ଚାକିରୀର ଦରମା ଦୃଷ୍ଟେ ନିଜର ଋଣ ନେବା ଆଦି କାର୍ଯ୍ୟ ସହଜରେ କରିପାରୁଛନ୍ତି, ଅଥଚ ଅସ୍ଥାୟୀମାନେ ପ୍ରକୃତରେ ଏସବୁରେ ଅପାରଗ। ସରକାର ରେଳବାଇ ଟିକେଟରେ, ଉଡାଜାହାଜ ଟିକଟରେ ଯାତ୍ରୀଙ୍କର ବର୍ଗୀକରଣ କରିଛନ୍ତି। ଦାରିଦ୍ର୍ୟ ନିର୍ଦ୍ଧାରଣରେ ଅନେକଙ୍କୁ ସହାୟତା ଏକ ନିର୍ଦ୍ଦିଷ୍ଟ କାନୁନରେ କରାଇଛନ୍ତି। ଯେକୌଣସି ଲୋକର ବୟସ ସର୍ବଦା ଯୁବକଯୁବତୀ ବୟସ ରଖାଇ ସଦାକର୍ମମୁଖର ରଖାଇ ନ ପାରେ। ଯେ ଶ୍ରମକରି ବିଭିନ୍ନ ଉପାୟ କରି ରୋଜଗାର କରୁଥିବେ ତାହା ସମୟକୁ ରୁଦ୍ଧ ହୋଇଯାଇପାରେ। ଅନେକ ବିୟୋଗର, ରୋଜଗାରୀ ମରିଯାଇପାରେ, ଦୈବୀ ଦୁର୍ଘଟଣା, ବଢ଼ି, ମରୁଡ଼ି, ମହାବାତ୍ୟା, ମହାମାରୀରେ ସମ୍ପତ୍ତି ହାନି ଲୋକ ମରଣ ବୃତ୍ତିଚ୍ଛେଦ ଆଦି ଘଟୁଛି, ଏଥିପାଇଁ ତୁରନ୍ତ ରାଜନଥିରେ ଏସବୁ ତଦାରଖ କରାଯାଇ କିଛି ବ୍ୟବସ୍ଥା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ସରକାର ଶୂନ୍ୟ ଟଙ୍କାରେ ବ୍ୟାଙ୍କ ଏକାଉଣ୍ଟ ଖୋଲି ଟଙ୍କା ମଧ୍ୟରେ ମଧ୍ୟରେ ଭରୁଛନ୍ତି ଲୋକଙ୍କୁ ପଡ଼ି ମାର୍ଫତ ଖାଦ୍ୟ ଦ୍ରବ୍ୟ ଦେଉଛନ୍ତି। ଏହାପୁଣି ବର୍ଷ ବର୍ଷ ହେଲେ ସେ ଲୋକଙ୍କର କ'ଣ ଉନ୍ନତି ହେଉଛି ତାହା ତଦାରଖ କେହି କରୁଛନ୍ତି କି ? ଗ୍ରାମର ଜନସଂଖ୍ୟା କ'ଣ ବଢୁନାହିଁ ତେବେ କ୍ଷେତ୍ର ଚାଷରେ ଆସୁନାହିଁ କାହିଁକି ? କ୍ଷେତ୍ର ପଡ଼ିଆ କାହିଁକି ରହୁଛି ? ସରକାରଙ୍କ ହାତରେ ପ୍ରତି ଜମିଜମାର କାଗଜ ନକ୍ସା ଏବେ ଉପଲବ୍ଧ, କେଉଁ ଜମିରେ ଫସଲ ହେଲା ନ ହେଲା କେହି ରାଜସ୍ୱ କର୍ମଚାରୀ ତଦନ୍ତ କରି ପ୍ରକାଶ ପାଇଁ ରଖିଲେଣି କି ? ସରକାର କେଉଁ ମନ୍ଦିରରେ କେତେ ଧନ ନିତ୍ୟ ଭକ୍ତ ଦେଉଛନ୍ତି, ଏଥିରେ ଯୋର ଦେଉଛନ୍ତି ହେଲେ ଚାଷଜମି କାହିଁକି ଚାଷ ନକରି ବ୍ୟକ୍ତି ପକାଇ ରଖିଛନ୍ତି ଏ ବିଷୟରେ କାହିଁକି ତଦାରଖ କରୁନାହାଁନ୍ତି ? ସରକାର ଜଳସେଚନ ସୁବିଧା, ମଞ୍ଜି ସୁବିଧା ଦେଇବି, ଲୋକେ କେବଳ ଧାନ ଚାଷ କରି ଦେଇ ଅନ୍ୟ ସମୟ ଜମି ପଡ଼ିଆ କାହିଁକି ରଖୁଛନ୍ତି ? ଏକଥା କ'ଣ ଜାଣିବା ଜରୁରୀ ନୁହଁ ? ଅନ୍ୟ ରାଜ୍ୟରୁ ଆଳୁ, ପିଆଜ, ପନିପରିବା ଆମଦାନୀ କରାଯିବା କ'ଣ ସରକାର ଜାଣୁନାହାଁନ୍ତି ? ତାହା ଏ ରାଜ୍ୟରେ କ'ଣ ହୋଇପାରିବ ନାହିଁ ? ପ୍ରତି ପଞ୍ଚାୟତରେ କେତେ ଜମି ଅଛି କ'ଣ କ'ଣ ଚାଷ ହେଉଛି ଜଳସେଚନ ସୁବିଧା କେତେ ? କେତେ କୃଷି ଶ୍ରମିକ, କେତେ ଶ୍ରମ ସେ ଗ୍ରାମରେ ବର୍ଗକୁ ଆବଶ୍ୟକ। କୃଷିଭିତ୍ତିକ କି କି ଶିଳ୍ପ ସେଠାରେ ହୋଇପାରେ ଏ ପାଇଁ ଲୋକଙ୍କୁ ବୁଝାଇ ଶିକ୍ଷା ଦେଇ ଗ୍ରାମଗୁଡ଼ିକର କ'ଣ ଅର୍ଥନୈତିକ ବ୍ୟୟ ଆଗେଇ ନେଇ ହେବନାହିଁ ? ପୂର୍ବର ପାଟକ ବୃତ୍ତି ସ୍ୱାଧିନତା ପରେ ପରେ ବିଲୁପ୍ତ ହେଲେ ଲୋକଙ୍କ ଚଳନୀ ପାଇଁ ଯେତେ ପ୍ରକାର ଦ୍ରବ୍ୟ ଦରକାର ତାକୁ ବିଚାର କରି ତାର କୁଟୀର ଶିଳ୍ପ ଢ଼ାଞ୍ଚାରେ ତାଲିମ ଦେଇ କ'ଣ କାମ କରାଇ ହେବନାହିଁ। ସ୍କୁଟି, ମଟର ସାଇକେଲ, ଟ୍ରାକ୍ଟର, ପାୱାର ଟିଲର, ପାଣିପମ୍ପ ପରି ଯନ୍ତ୍ରଗୁଡ଼ିକ ମରାମତି କାମ ଗ୍ରାମ୍ୟଯୁବକମାନଙ୍କୁ ଶିକ୍ଷା ଦେଲେ କ'ଣ କିଛି ଜଟିଳତା ଅଛି କି ? କାଠ ଟୁକୁରାରେ କବାଟ, ଚୌକାଠ ପ୍ରସ୍ତୁତି ଶିକ୍ଷା କ'ଣ ଦେଇ ହେବନାହିଁ ? ଗ୍ରୀଲ ଗେଟ, ଝରକା ଲୁହାରେ ପ୍ରସ୍ତୁତି ଶିକ୍ଷା ଦେଇହେବନାହିଁ ? ବଡ଼ି, ପାମ୍ପଡ଼, ଛତୁ ଏସବୁରେ ନାରୀମାନେ କ'ଣ ଶିକ୍ଷା ପାଇପାରିବେ ନାହିଁ। ଆଧୁନିକ ବସ୍ତ୍ର ସାୟାରରେ ବ୍ଲାଉଜ, ସାୟା ପ୍ରସ୍ତୁତି କ'ଣ ଗ୍ରାମ୍ୟ ନାରୀମାନେ କରିପାରିବେ ନାହିଁ ? ନେତାଙ୍କୁ କେନ୍ଦ୍ରକରି ଗ୍ରାମ୍ୟ ଠିକାଦାରୀ କାର୍ଯ୍ୟମାନ ସାଧିତ ହେବା ଦେଖାଯାଉଛି। ଏହାକୁ ନେତା ନିରୀକ୍ଷଣ କରିପାରନ୍ତି ମାତ୍ର କାର୍ଯ୍ୟର ମୂଲ୍ୟାୟନ ଓ କାର୍ଯ୍ୟର ଶୁଦ୍ଧତା ପାଇଁ ଏକ ସରକାରୀ ସଂସ୍ଥା ଓ ସ୍ଥାନୀୟ ପଞ୍ଚାୟତ ସ୍ତରର ଲୋକେ କରିଲେ ଅର୍ଥ ବାଟମାରଣା କମ୍ ହୁଅନ୍ତା। ପଞ୍ଚାୟତରେ ଏମିତି ବ୍ୟବସ୍ଥା ଯୋଡ଼ାଯାଉ ଯେଉଁ ବ୍ୟକ୍ତି ବୃତ୍ତି ଉଦ୍ଦେଶ୍ୟରେ ଗ୍ରାମ ଛାଡୁଛନ୍ତି, ସେମାନଙ୍କର ସ୍ଥିତି ଓ କେଉଁ ସଂସ୍ଥାରେ କାମ ମୁତୟନ ଅଛନ୍ତି ତାହା ନୋଟ୍ ହୋଇ ରହୁ। ଅନେକ ବିଦେଶରେ ଚାକିରୀ ପାଇଁ ଯାଇ ସେଠାରେ କିଛି ଅସୁବିଧା ଭୋଗିଲେ ତାଙ୍କର ବ୍ୟକ୍ତିଗତ ଜୀବନ ଅନେକଙ୍କୁ ଅଜଣା ରହୁଛି। ପାଠକେ ଏଥିରେ କ'ଣ ପାରଗ, କ'ଣ ଅପାରଗ ବିଚାର କରନ୍ତୁ। ଲୋକେ ପାରଗ କି ସରକାର କର୍ତ୍ତୃପକ୍ଷ ପାରଗ ଏହା ଭାବନ୍ତୁ। ସରକାର କେବେ ଅପାରଗ ନୁହଁନ୍ତି, ହେଲେ ମାନସିକ ସ୍ତରରେ ଭିନ୍ନମନା ହୋଇ ସମୟ ଦୃଷ୍ଟେ ପାରଗ ହୋଇପାରୁନାହାଁନ୍ତି।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**
*ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୦୩୧୨୫୩*

## ଆଜିର ଅନୁଚିନ୍ତା

*ବାଲି ଯେପରି ରୁକ୍ଷ ଓ କର୍କଶ, ଅଶିଷ୍ଟ ମନୁଷ୍ୟ ସେହିପରି ରୁକ୍ଷ ଓ କର୍କଶ ହୋଇଥାଏ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କଂଗ୍ରେସର ସଭାପତି ନିର୍ବାଚନ

ଡାଃ ସୁରେନ୍ଦ୍ର ନାଥ ଦାଶ







ପ୍ରାୟ ୨୭ ବର୍ଷ ପରେ ଭାରତୀୟ କଂଗ୍ରେସ ଦଳର ସଭାପତି ନିର୍ବାଚନ ଗଣତାନ୍ତ୍ରିକ ପଦ୍ଧତିରେ ହେବା ସ୍ୱାଗତଯୋଗ୍ୟ। ଏହି ଦଳ ଦେଶର ସର୍ବପୁରାତନ ଦଳ। କିଏ ମାନୁ କି ନ ମାନୁ ଏହି ଦଳ ହିଁ ଆନ୍ଦୋଳନ କରି ଆମ ପାଇଁ ସ୍ୱାଧିନତା ଆଣିଥିଲା। ଏହା ୧୩୦ ବର୍ଷର ସର୍ବପୁରାତନ ଦଳ। ଜାତିର ପିତା ମହାତ୍ମାଗାନ୍ଧି ଓ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ନୀତି ଓ ଆଦର୍ଶ ଉପରେ ଏବେବି ଏହା ପରିଚାଳିତ। ଧର୍ମନିରପେକ୍ଷତା, ସମାଜବାଦ, ମହାଭାରତୀୟ ଭାବନା ଓ ଦଳିତ, ହରିଜନ, ମହିଳାଙ୍କ ସଶକ୍ତିକରଣରେ ଦଳ ସବୁଦିନେ ବିଶ୍ୱାସ କରେ। ଅନ୍ୟ ଜାତୀୟ ଦଳମାନ, ସମାଜବାଦୀ ଦଳ, ସାମ୍ୟବାଦୀ ଦଳ, ସ୍ୱତନ୍ତ୍ର ଦଳମାନଙ୍କର ଜାତୀୟ ରଙ୍ଗମ- ରୁ ପ୍ରସ୍ଥାନ ପରେ ବିଜେପି ବ୍ୟତିତ ଏହା ହିଁ ଏକମାତ୍ର ଜାତୀୟ ଦଳ। ଘଟଣାକ୍ରମେ ଦେଶର ବିଭିନ୍ନ ରାଜ୍ୟରେ ଆଂଚ-ଳିକ ଦଳମାନ କ୍ଷମତା ଅଧିକାର କରି ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ସେମାନେ ପ୍ରାୟ ଏକଛତ୍ର ବଂଶବାଦ ପ୍ରତିଷ୍ଠା କରି ଜଣେ ଜଣେ ଡିଟେକ୍ଟର ଭଳି ଶାସନ ନିଜ ମର୍ଜିରେ କରୁଛନ୍ତି। ସେମାନଙ୍କର କେନ୍ଦ୍ର ସହ ସବୁବେଳେ ବିବାଦ ଲାଗିରହୁଛି। ଭବିଷ୍ୟତରେ କୌଣସି ଶକ୍ତିଶାଳୀ ଜାତୀୟ ଦଳ ନରହିଲେ ଆମର ଅଖଣ୍ଡତା ନିଶ୍ଚୟ ବିପନ୍ନ ହେବ। ତେଣୁ ସର୍ବପୁରାତନ ଜାତୀୟ କଂଗ୍ରେସ ଦଳର ସଶକ୍ତିକରଣ ଦେଶ ପାଇଁ ନିଶ୍ଚୟ ଶୁଭଙ୍କର।

ବର୍ତମାନ କଂଗ୍ରେସ ସଭାପତି ପଦପାଇଁ ଦୁଇ ପ୍ରାର୍ଥୀ ଶଶି ଥରୁର (କେରଳ) ଓ ବରିଷ୍ଠ ନେତା ମଲିକାର୍ଜୁନ ଖାଡଗେ (କର୍ଣ୍ଣାଟକ)ଙ୍କ ମଧ୍ୟରେ ନିର୍ବଚନ ସରିଯାଇଛି ( ୧୭ ତାରିଖ ଦିନ)। ଦେଶର ପ୍ରାୟ ୯ ହଜାର କଂଗ୍ରେସ ପ୍ରତିନିଧି ଭୋଟ ଦେଇଛନ୍ତି । ସମସ୍ତେ ଫଳାଫଳକୁ ଅପେକ୍ଷା କରିଚନ୍ତି। ଅନ୍ୟ ଜଣେ ପ୍ରାର୍ଥୀ ତଥା ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ନିଜ ମୁଖ୍ୟମନ୍ତ୍ରୀ ପଦ ଛାଡିବାକୁ ଅନିଚ୍ଛା ପ୍ରକାଶ କରି ନିର୍ବାଚନରୁ ଓହରି ଯାଇଛନ୍ତି। ଏହି ନିର୍ବାଚନ ସାରାଦେଶର କର୍ମୀମାନଙ୍କ ମନରେ ବେଶ ଉତ୍ସାହ ସୃଷ୍ଟି କରିଛି। ପ୍ରଚାର ମଧ୍ୟ ବେଶ ବନ୍ଧୁତାପୂର୍ଣ୍ଣ ପରିବେଶରେ ହୋଇଥିଲା। ସଫଳ ନିର୍ବାଚନ ମୋଦିଙ୍କର କଂଗ୍ରେସ ମୁକ୍ତ ଭାରତ ଆହ୍ୱାନର ଅସାରତା ପ୍ରମାଣ କରିଛି, କାରଣ ଏବେବି ଦେଶର କୋଣ ଅନୁକୋଣରେ କିଛି ଲୋକେ କଂଗ୍ରେସକୁ ଭଲ ପାଉଛନ୍ତି।

୧୯୩୩ ମସିହା ପର୍ଯ୍ୟନ୍ତ କଂଗ୍ରେସର ସଭାପତି ପଦ ଏକ ନିର୍ଦ୍ଦିଷ୍ଟ ପରମ୍ପରାରେ ହେଉଥିଲା। ଏହି ପଦର କାର୍ଯ୍ୟକାଳ ଏକବର୍ଷ ଥିଲା। ପ୍ରତିବର୍ଷ ଡିସେମ୍ବର ମାସ ଶେଷ କାଳରେ ନିର୍ବାଚନ ଓ ବାର୍ଷିକ ଅଧିବେଶନ ହୋଇ ନୂତନ ସଭାପତି ପଦ ଗ୍ରହଣ କରୁଥିଲେ। ସଭାପତିଙ୍କ ଇସ୍ତଫା କିମ୍ବା ବିୟୋଗ ହେଲେ ବରିଷ୍ଠ ସଂପାଦକ କାମଚଳା ସଭାପତି ହେଉଥିଲେ। ୧୮୮୫ ମସିହାରେ ବମ୍ବେଠାରେ ଦଳର ପ୍ରତିଷ୍ଠା ଓ ପ୍ରଥମ ଅଧିବେଶନ ହୋଇଥିଲା। ଦେଶର ବିଭିନ୍ନ କୋଣରୁ ୭୨ ଜଣ ପ୍ରତିନିଧି ଏହି ଅଧିବେଶନରେ ଯୋଗ ଦେଇଥିଲେ। ଜଣେ ବଙ୍ଗାଳି ଓକିଲ ଉମେଶ ଚନ୍ଦ୍ର ବାନାର୍ଜି ଦଳର ପ୍ରଥମ ସଭାପତି ଆସନ ଗ୍ରହଣ କରିଥିଲେ। ଏହି ପର୍ଯ୍ୟନ୍ତ ୬୧ ଜଣ ସଭାପତି ଦଳକୁ ନେତୃତ୍ୱ ଦେଇଆସିଛନ୍ତି। ଏହି ମାନଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟର, ବିଭିନ୍ନ ଧର୍ମର ଏପରିକି ଅନେକ ଇଂରେଜ ମଧ୍ୟ ଏହି ପଦ ଅଳଙ୍କୃତ କରିଥିଲେ। ସ୍ୱାଧିନତା ପରେ ଏହା ପରମ୍ପରାଚ୍ୟୁତ ହେଲା। ପ୍ରଧାନମନ୍ତ୍ରୀ ନିଜେ ଏହି ପଦକୁ ହାତରେ ରଖିଲେ। ଦଳ ତାର ସ୍ୱାଧିନତା ହରାଇଲା। ସୋନିଆ ଗାନ୍ଧି ସବୁଠାରୁ ଅଧିକ ଦିନ ସଭାପତି ପଦରେ ରହିଚନ୍ତି। ୧୯୯୮ ମସିହାରୁ ୨୦୧୭ ଓ ୨୦୧୯ରୁ ଏପର୍ଯ୍ୟନ୍ତ ସେ ସଭାପତି ରହିଛନ୍ତି। ପ୍ରଥମ ଅବସ୍ଥାରେ ବଙ୍ଗାଳି ଓ ପାର୍ସି ସଂପ୍ରଦାୟର ବ୍ୟକ୍ତିମାନେ ସଭାପତି ପଦ ପାଇଥିଲେ। ଫିରୋଜ ସାହା ମେହଟା, ଦାଦାଭାଇ ନାରୋଜୀ, ବଦରୁଦ୍ଦିନ ତ୍ୟାବଜିଙ୍କ ଭଳି ପାର୍ସୀ ଏହି ପଦ ପାଇଥିଲେ। ଜର୍ଜ ୟୁଲେ, ହେନେରୀ କଟନ, ଜର୍ଜ ୱେଦର ବର୍ଣ୍ଣ, ଆନି ବେଶାନ୍ତ, ଆଲଫ୍ରେଡ ଡ ୱେବଙ୍କ ଭଳି ବିଦେଶୀ ଭଦ୍ରବ୍ୟକ୍ତି ମଧ୍ୟ ଏହି ପଦ ଅଳଙ୍କୃତ କରିଥିଲେ। ରହିତୁଲା ସାୟାନି, ନବାବ ସୟଦ ମହମଦ ବାହାଦୁର, ସୟଦ ହାସାନ ଇମାମ, ହକିମ ଆଜମଲ ଖାଁ, ମହମଦ ଅଲି ଜୋହର, ଅବଦୁଲ କାଲାମ ଆଜାଦଙ୍କ ଭଳି ମୁସଲମାନ ଏହି ପଦ ଅଳଙ୍କୃତ କରି ଦଳର ଧର୍ମନିରପେକ୍ଷତା ପ୍ରଚାର କରିଥିଲେ। ଗ୍ରାଣ୍ଡ ଓଲଡମ୍ୟାନ ନାମରେ ପରିଚିତ ଦାଦାଭାଇ ନାରୋଜୀ ତିନିଥର ସଭାପତି ହୋଇଥିଲେ। ୧୯୦୫ ମସିହାରେ ଗୋପାଳକୃଷ୍ଣ ଗୋଖଲେ ଲୋକମାନ୍ୟ ତିଳକଙ୍କୁ ସୁରାଟ ଅଧିବେଶନରେ ପରାସ୍ତ କରି ସଭାପତି ହୋଇଥିଲେ। ଏହି ଅଧିବେଶନରେ ଦଳ ଚରମପନ୍ଥୀ ଓ ନରମପନ୍ଥୀରେ ଦୁଇଭାଗ ହୋଇଥିଲା। ରାସବିହାରୀ ଘୋଷ ଦୁଇଥର ଓ ମହାମନା ମାଲବ୍ୟ ତିନିଥର ସଭାପତି ହୋଇଥିଲେ। ୧୯୧୯ରେ ମୋତିଲାଲ ନେହରୁ ସଭାପତି ପଦ ପାଇଥିଲେ। ୧୯୨୦ରେ ଲାଲା ଲଜପତ ରାୟ ସଭାପତି ହୋଇଥିଲେ (ଅମୃତସର)। ୧୯୨୪ ମସିହାରେ ବେଲଗାଁଓ ଅଧିବେଶନରେ ମହାତ୍ମାଗାନ୍ଧି ଦଳର ସଭାପତି ହୋଇଥିଲେ ଓ ସେବେଠାରୁ ଦଳର ରିମୋଟ କଂଟ୍ରୋଲ ତାଙ୍କ ହାତରେ ରହିଥିଲା। ତା' ପରବର୍ଷ ସରୋଜିନୀ ନାଇଡୁ ପ୍ରଥମ ମହିଳା ସଭାପତି ହେଲେ, ଦଳର ଇତିହାସରେ ସେ ଏକମାତ୍ର ମହିଳା ସଭାପତି। ୧୯୨୨ ମସିହାରେ ଦେଶବନ୍ଧୁ ଚିତରଂଜନ ଦାସ ସଭାପତି ହୋଇଥିଲେ। ୧୯୨୮ ମସିହାରେ ମୋତିଲାଲ ଓ ତା'ପର ଦୁଇବର୍ଷ ଜବାହରଲାଲ ନେହେରୁ ସଭାପତି ହୋଇଥିଲେ। ୧୯୩୧ ମସିହାରେ ସରଦାର ପଟେଲ କରାଚି ଅଧିବେଶନକୁ ନେତୃତ୍ୱ ଦେଇଥିଲେ। ରାଜେନ୍ଦ୍ର ପ୍ରସାଦ ଦୁଇଥର (୧୯୩୪, ୧୯୩୫) ଜବାହରଲାଲ ନେହରୁ (୧୯୩୬, ୧୯୩୭, ସମୁଦାୟ ଚାରିଥର), ସୁଭାଷ ବୋଷ (୧୯୩୮, ୧୯୩୯) ସଭାପତି ହୋଇଥିଲେ। ୧୯୩୯ ମସିହାରେ ସୁଭାଷ ବୋଷ ଗାନ୍ଧିଙ୍କ ମନୋନୀତ ପ୍ରାର୍ଥୀ ପଟ୍ଟାଭୀ ସିତାରାମାୟାଙ୍କୁ ନିର୍ବାଚନରେ ପରାସ୍ତ କରିଥିଲେ। ମାତ୍ର ଗାନ୍ଧିଙ୍କ ସହ ମତପାର୍ଥକ୍ୟ ଯୋଗୁ ସୁଭାଷ ବୋଷ ସଭାପତି ଓ ଦଳରୁ ଇସ୍ତଫା ଦେଇଥିଲେ। ଅବଶିଷ୍ଟ ସମୟ ପାଇଁ ରାଜେନ୍ଦ୍ର ପ୍ରସାଦ ସଭାପତି ହୋଇଥିଲେ। ୧୯୪୦ରୁ ୧୯୪୬ ପର୍ଯ୍ୟନ୍ତ ଅବଦୁଲ କାଲାମ ଆଜାଦ ସଭାପତି ହୋଇଥିଲେ। ସ୍ୱାଧିନତା ବର୍ଷ ଆଚାର୍ଯ୍ୟ ଜେବି କୃପାଳିନୀ ସଭାପତି ଥିଲେ। ବରିଷ୍ଠ କଂଗ୍ରେସ ନେତାଙ୍କ ମଧ୍ୟରୁ ସୀମାନ୍ତ ଗାନ୍ଧୀ ଖାନ ଅବଦୁଲ ଗଫର ଖାଁ, ଚକ୍ରବର୍ତୀ ରାଜଗୋପାଳ ଆଚାରୀ ଓ ଲୋକମାନ୍ୟ ବାଳ ଗଙ୍ଗାଧର ତିଳକ ଏହି ପଦ ପାଇ ନଥିଲେ। ଓଡିଶାରୁ କୌଣସି ବ୍ୟକ୍ତି ଏ ପର୍ଯ୍ୟନ୍ତ ପଦ ପାଇନାହାଁନ୍ତି। ସ୍ୱାଧିନତା ପରେ ୧୯୪୮-୪୯ ମସିହା ପାଇଁ ପଟ୍ଟାଭି ସିତାରାମାୟା ସଭାପତି ହେଲେ। ୧୯୫୦ ମସିହାରେ ପୁରୁଷୋତ୍ତମ ଦାସ ଟଣ୍ଡନ ସଭାପତି ହେଲେ। ପ୍ରଧାନମନ୍ତ୍ରୀ ନେହରୁଙ୍କ ସହ ମତପାର୍ଥକ୍ୟ ହେତୁ ସେ ଇସ୍ତଫା ଦେଲେ ଓ ନିଜେ ନେହରୁ ପରମ୍ପରା ଭଙ୍ଗକରି ସଭାପତି ହେଲେ। ନେହରୁ ନିଜ ୟେସ ମାନ ୟୁଏନ ଧେବରଙ୍କୁ ଦଳର ସଭାପତି କଲେ। ସେ ପାଂଚବର୍ଷ ସଭାପତି ହେଲାପରେ ୧୯୫୯ ମସିହାରେ ନେହରୁ ନିଜ କନ୍ୟା ଇନ୍ଦିରା ଗାନ୍ଧୀଙ୍କୁ ସଭାପତି କଲେ। ଏହାପରେ ନିଲମ ସଂଜିବ ରେଡି ତିନିଥର ଓ କାମରାଜ ତିନିଥର ସଭାପତି ହେଲେ। ତା'ପରେ ଏସ ନିଜାଲିଙ୍ଗପ୍ପା ସଭାପତି ହେଲେ। ତାଙ୍କ ସମୟରେ ଦଳ ବିଭାଜିତ ହୋଇ ଜାତୀୟ କଂଗ୍ରେସ, ଇନ୍ଦିରା କଂଗ୍ରେସରେ ପରିଣତ ହେଲା। ଇନ୍ଦିରା ଗାନ୍ଧିଙ୍କ ହାତ ମୁଠାରେ ଦଳ ରହିଲା। ତାଙ୍କ ଅନୁଗତ ବ୍ରହ୍ମାନନ୍ଦ ରେଡି, ଦେବକାନ୍ତ ବରୁଆ, ଜଗଜୀବନ ରାମ, ଶଙ୍କରଦୟାଲ ଶର୍ମା ଦଳର ସଭାପତି ହେଲେ। ଇନ୍ଦିରାଙ୍କ ମୃତ୍ୟୁ (୧୯୮୪) ପରେ ରାଜିବ ଗାନ୍ଧି ଓ ପିଭି ନରସିଂ ରାଓ ଦଳର ସଭାପତି ତଥା ପ୍ରଧାନମନ୍ତ୍ରୀ ପଦ ନିଜ ହାତରେ ରଖିଲେ। ରାଜୀବଙ୍କ ବିଧବା ପତ୍ନୀ ସୋନିଆ ଗାନ୍ଧି ସଭାପତି ପଦ ଗ୍ରହଣ ନକରିବାରୁ କିଛିଦିନ ପାଇଁ ସିତାରାମ କେଶରି ସଭାପତି ହେଲେ। ମାତ୍ର ଏହାମଧ୍ୟରେ ସୋନିଆ ସଭାପତି ହେବାକୁ ଇଚ୍ଛା କରିବାରୁ ସିତାରାମଙ୍କୁ ବଳପୂର୍ବକ ପଦରୁ ତଡି ଏକ ଅସୁସ୍ଥ ପରମ୍ପରା ସୃଷ୍ଟି କରାଗଲା (୧୯୯୮)। ସେବେଠାରୁ (୧୯୯୮) ସୋନିଆ ଗାନ୍ଧି ଓ ପୁଅ ରାହୁଳ (୨୦୧୭-୨୦୧୯) ହିଁ ସଭାପତି ରହି ଆସିଛନ୍ତି। ୨୦୧୯ ମସିହା ନିର୍ବାଚନରେ ପରାଜୟ ପରେ ରାହୁଳ ଇସ୍ତଫା ଦେବାରୁ ମାଆ ସୋନିଆ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି।

ଦଳର ନିର୍ବାଚନ ସରିଯାଇଛି। ସମସ୍ତେ ଆଶା କରନ୍ତି ନୂଆ ସଭାପତି ଯିଏ ହୁଅନ୍ତୁ ଦଳର ଉତ୍‌ଥାନରେ ସେ ସହାୟକ ହେବେ। ପାର୍ଲିଆମେଣ୍ଟରେ କୌଣସି ସ୍ୱୀକୃତିପ୍ରାପ୍ତ ବିରୋଧିଦଳ ନାହାଁନ୍ତି। ଏହାର ସୁଯୋଗ ନେଇ ଶାସକଦଳ ଅନେକ ଜନବିରୋଧୀ ଆଇନ ପ୍ରଣୟନ କରିବାକୁ ସମର୍ଥ ହୋଇଛି। ତେଣୁ ଦେଶର ଅଖଣ୍ଡତା ଓ ସଂହତି ପାଇଁ କଂଗ୍ରେସ ଦଳ ଶକ୍ତିଶାଳୀ ହେଉ, ଏହା ସମସ୍ତଙ୍କର ଇଚ୍ଛା।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬*

# ଭାରତ-ଚୀନ୍ ଯୁଦ୍ଧର କେତେକ ଅଜଣା କଥା !

ପ୍ରଦୀପ ସେନାପତି





ବିଶ୍ୱ ସମୁଦାୟ ଜାଣିଲା ୧୯୬୨ ମସିହା ଅକ୍ଟୋବର ୨୦ ତାରିଖ। ଅଜାଣତରେ, ଅନ୍ଧାର ରାତ୍ରିରେ ହଠାତ୍ ଚୀନସେନା ବିଶ୍ୱାସରେ ବିଷ ମିଶାଇ ଆକ୍ରମଣ କଲା ଭାରତମାତାର ଭୂଖଣ୍ଡ ଉପରେ। ଯାହା ସୀମିତ ଯୁଦ୍ଧର ରୂପ ନେଇଥିଲା ମାତ୍ର ଏକମାସ ପାଇଁ। ଏହି ଯୁଦ୍ଧର ଇତିହାସ ପୃଷ୍ଠା ଭିତରେ ସମୀକ୍ଷା କଲାପରେ ଜଣାଯାଇଛି ଯେ, ଭାରତ ହାରିନାହିଁ କି ଚୀନ ମଧ୍ୟ ଜିତିନାହିଁ। ସାଧାରଣ ଜନତା କେତେକାଂଶରେ ଜାଣିନଥିବେ ଯେ, କାଳଚକ୍ରର ଘୂର୍ଣ୍ଣି ଭିତରେ ବିଗତ ଷାଠିଏ ଦଶକରେ ପାଶ୍ଚାତ୍ୟ ଶକ୍ତିମାନଙ୍କ ଦ୍ୱାରା ଲାଞ୍ଛିତ ମରୁଡି ପ୍ରପୀଡ଼ିତ, ଦରିଦ୍ର ଚୀନ ଏବେ ପୃଥିବୀର ଦ୍ୱିତୀୟ ବୃହତମ ଅର୍ଥନୈତିକ ଶକ୍ତି ଭାବରେ ତା'ର ଦେଶପ୍ରେମର ପରାକାଷ୍ଠା ଦେଖାଇପାରିଛି। ଭାରତ ସ୍ୱାଧୀନ ହେଲା ୧୯୪୭ ମସିହାରେ। ୧୯୪୯ରେ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ଚୀନ ହେଲା ଏକ କମ୍ୟୁନିଷ୍ଟ ରାଷ୍ଟ୍ର। ଚୀନ ସହିତ ସେତେବେଳ ସମୟରେ ଏକ ମାର୍ମିକ ବନ୍ଧନରେ ବାନ୍ଧି ହୋଇଯାଉଛନ୍ତି ନେହେରୁ। ଏକ ଦରଦୀ ପ୍ରତିବେଶୀ ପରି ପଣ୍ଡିତଜୀଙ୍କ ସ୍ନେହଶୀଳ ସ୍ପର୍ଶ ପ୍ରସାରିତ ହୋଇଯାଉଛି ଚୀନ ଆଡ଼କୁ। ହିନ୍ଦ-ଚୀନ ଭାଇ ଭାଇ, ୧୯୪୫ର ବାନ୍ଦୁଂ (BANDU) ସମ୍ମିଳନୀରେ। ତା ସତ୍ତ୍ୱେ କିନ୍ତୁ ଭାରତରେ ଚୀନ ଲୋକଙ୍କ ପ୍ରତି ଥିଲା ଏକ ହାଲୁକା ଧାରଣା। କିଛିଟା ହାସ୍ୟୋଦ୍ଦୀପକ। ସେ ସମୟର ହିନ୍ଦୀ ସିନେମାର ଏକ ରୋଚକ ଗୀତରେ ସୁନ୍ଦରୀ ନୃତ୍ୟାଙ୍ଗନା ହେଲେନ୍ ନୃତ୍ୟର ତାଳେ ତାଳେ ଗାଉଛନ୍ତି ମେରା ନାମ ଚୀନ ଚୀନ ଛୁଁ.... ରାତ୍ ଋନ୍ଦନୀ ମୈଁ ଅର ତୁ। ଯେଉଁଥିରେ ଥିଲା ପରିହାସର ଏକ ଲଘୁ ଚପଳତା। ସେଇ ଚୀନ୍ ମାତ୍ର କେତେ ବର୍ଷର ବ୍ୟବଧାନରେ ୧୯୬୨ରେ ଭାରତକୁ ଯେପରି ଅତର୍କିତ ଭାବରେ ଆକ୍ରମଣ କରିଥିଲା ସେହିପରି ଭାରତକୁ ପରାଜିତ କଲା ବୋଲି ନିଜକୁ ଗର୍ବ ଅନୁଭବ କରିଥିଲା ଏବଂ ସେହିପରି ମଧ୍ୟ ଆକସ୍ମିକ ଭାବରେ ଯୁଦ୍ଧ ବିରତି ଘୋଷଣା କଲା। କିନ୍ତୁ ଆଜିର ପରିସ୍ଥିତି ଚୀନର ଦମ୍ଭୋକ୍ତି ଆଜିର ଦିନରେ ଦବି ଯାଇଛି। ସେ ଜାଣିଛି ୧୯୬୨ର ଭାରତ ଆଜି ନାହିଁ।

ବିଖ୍ୟାତ ସ୍ୱେଡିସ୍ (ସୁଇଡେନ)ର ଲେଖକ ବର୍ଟିଲ ଲିଟନରଙ୍କର (Bartil Litner) ଏକ ବହୁଚର୍ଚ୍ଚିତ ପୁସ୍ତକ 'ଋଇନିଜ୍ ଇଣ୍ଡିଆ ୱାର'। ସେଥିରେ ସେ ଦର୍ଶାଇଛନ୍ତି ମାଓ-ସେ-ତୁଙ୍ଗଙ୍କର ପ୍ରବର୍ତ୍ତିତ ଋଇନାର। 'ଗ୍ରେଟ୍‌ଲିପ୍ ଫରୱାର୍ଡ୍'ର ସାଙ୍ଘାତିକ ବିଫଳତାରେ ସୃଷ୍ଟି ହୋଇଥିଲା ଘୋର ଦୁର୍ଭିକ୍ଷ, ମରୁଡ଼ି ପ୍ରପୀଡ଼ିତ ଖାଦ୍ୟ ହାହାକାର। ସେଥିରୁ ଲୋକଙ୍କର ଦୃଷ୍ଟି ହଟାଇବା ପାଇଁ ୧୯୬୨ରେ ଭାରତ ସହିତ ହୋଇଥିଲା ସୀମାନ୍ତ ସଂଘର୍ଷ। ଯେଉଁଥିରେ ଅକାରଣରେ ଶହୀଦ ହୋଇଥିଲେ ଆମର ନିରୀହ ଜବାନ।

ଭାରତ-ଚୀନ ଯୁଦ୍ଧର ୬୦ ବର୍ଷ ଅତିକ୍ରାନ୍ତ ହୋଇଛି। ସେହି ଯୁଦ୍ଧ ଯୋଗୁଁ ଏସିଆ ମହାଦେଶର ଦୁଇ ମହାନ ଶକ୍ତିଙ୍କ ମଧ୍ୟରେ ଆଜି ବି ଲାଗିରହିଛି ଛାୟା, ଶତ୍ରୁତା ଓ ଅବିଶ୍ୱାସର ବାତାବରଣ। ଜ୍ଞାନ ବିଜ୍ଞାନ ଠାରୁ ଆରମ୍ଭ କରି ସାମାଜିକ, ଅର୍ଥନୈତିକ, ସାମରିକ ଶକ୍ତିର ବୈପ୍ଲବିକ ପରିବର୍ତ୍ତନ ଇତ୍ୟାଦି ବିଭିନ୍ନ କ୍ଷେତ୍ରରେ ଇତିମଧ୍ୟରେ ଦୃଷ୍ଟିଗୋଚର ହୋଇଛି ବିରାଟ ଐତିହାସିକ ପରିବର୍ତ୍ତନ। ବିଶ୍ୱର ଆର୍ଥିକ ଓ ସାମରିକ ମହାଶକ୍ତି ଭାବେ ଚ୍ୟାଲେଞ୍ଜ ଦେବା ପାଇଁ ଦୁଇ ଦେଶ ପ୍ରତିଯୋଗିତା ଅବ୍ୟାହତ ରଖିଛନ୍ତି। ବର୍ତ୍ତମାନର ରାଜନୈତିକ, ଭୌଗୋଳିକ ଏବଂ ବିଶେଷକରି ସାମରିକ ଦୃଷ୍ଟିକୋଣରୁ ଭାରତ ପାଇଁ ଚୀନର ଚିନ୍ତାର କାରଣ ହୋଇପାରିଛି। ଚୀନର ନିଦ ହଜାଇ ଦେଇଛି ଭାରତ ଗତ ୨୦୨୦ ମସିହା ଜୁନ୍ ୧୫ ତାରିଖ ଗଲୱାନ ଘାଟିର ସଂଘର୍ଷ ପରେ। ଭାରତ ସତର୍କ କରାଇଦେଲା ତୁମେ ଜଣେ ଜବାନ ମାରିଲେ ଆମେ ଦୁଇଟା ମୁଣ୍ଡ ନେବା ପାଇଁ ପ୍ରତିଜ୍ଞାବଦ୍ଧ। ଏହି ଗଲୱାନ ସଂଘର୍ଷ ପରେ ଭାରତ ବଳବାନ ଚାଇନାକୁ ପୁଣି ଥରେ ଲକ୍ଷେ ଥର ଚିନ୍ତା କରିବା ପାଇଁ ଭାରତର ପରାକ୍ରମୀ ଜବାନ ଚରମ ପଦକ୍ଷେପ ସ୍ୱରୂପ କଡ଼ା ଚେତାବନୀ ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଫଳରେ ଆମର ୨୦ ଜଣ ଜବାନ ଶହୀଦ ହୋଇଥିବା ବେଳେ ଶତ୍ରୁପକ୍ଷର ୪୨ଜଣ ଜବାନଙ୍କୁ ପ୍ରାଣବଳୀ ଦେବାକୁ ବାଧ କରିଥିଲା। ବିଶ୍ୱ ଜାଣିଲା, ଚୀନ ଅତୀତରେ ଭିଏତନାମ ଭଳି କ୍ଷୁଦ୍ର ଦେଶଠାରୁ ଯୁଦ୍ଧରେ ପରାଜିତ ହୋଇ ହାରିବାରେ ରେକର୍ଡ଼ କରିଛି। କେବେ କୌଣସି ଦେଶ ସହିତ ଯୁଦ୍ଧ କରି ତା'ର ଦକ୍ଷତା ପ୍ରମାଣିତ କରିପାରିନାହିଁ। କେବଳ ଯେ ଲକ୍ଷ ଲକ୍ଷ ସୈନ୍ୟବାହିନୀ ଚୀନ ରଖିଦେଲେ ଭାରତ ଠାରୁ ବିଜୟୀ ହେବ, ତାହା କଳ୍ପନା କରିବା ବୃଥା ଆସ୍ଫାଳନ। ଏହାର ଜ୍ୱଳନ୍ତ ପ୍ରମାଣ ଏବେ ବିଶ୍ୱବାସୀ ଦେଖୁଛନ୍ତି ୟୁକ୍ରେନ, ରୁଷ ଯୁଦ୍ଧ କ୍ଷେତ୍ରରେ। ୟୁକ୍ରେନ ରୁଷଠାରୁ ଅତିକ୍ଷୁଦ୍ର ଏବଂ କୌଣସି ପ୍ରକାରରେ ରୁଷର ସମକକ୍ଷ ନୁହେଁ, ରୁଷ ଭଳି ବିଶ୍ୱର ଦ୍ୱିତୀୟ ସାମରିକ ଶକ୍ତିକୁ ପାଣି ପିଆଇ ଦେଇଛି। ଏହାହିଁ ଆଜିର ଅତ୍ୟାଧୁନିକ ଯୁଗର ଯୁଦ୍ଧ ଘନଘଟାର ଜ୍ୱଳନ୍ତ ଉଦାହରଣ। ଚୀନର ସରକାରୀ ଖବରକାଗଜ 'ଗ୍ଲୋବାଲ ଟାଇମ୍‌ସ'ରେ ସେତେବେଳେ ପ୍ରକାଶିତ ହେଲା ଯେ, ଗଲୱାନ ସଂଘର୍ଷରେ ଚୀନର ମାତ୍ର ୫ ଜଣ ଜବାନଙ୍କର ମୃତ୍ୟୁ ହୋଇଛି, ଯାହାକି ଅତି ଲଜ୍ଜାଜନକ ଅଟେ। ଲୁଋଇବା ପାଇଁ ଏଭଳି ମିଥ୍ୟା ଖବର ପ୍ରକାଶ ପାଇଥିଲା।

ଏହି ପରିପ୍ରେକ୍ଷୀରେ ଆମ ଦେଶପ୍ରେମର ଘୋର ଅଭାବ ପରିଲକ୍ଷିତ ହୋଇଛି। ଏବେ ବି ମଳିନ ପଡ଼ିଛି ଭାରତମାତାର ନିରୀହ, ସରଳ, ଶାନ୍ତିର ବାତାବରଣ ପରିବେଶରେ ଜନ୍ମିତ ଆମ ସାଧାରଣ ନାଗରିକ ଭାବିବା ପାଇଁ ସମୟ ନାହିଁ। ଅର୍ଥ ଓ ଅନ୍ନ ଚିନ୍ତା ଚମତ୍କାର, ଏଥିରୁ ବା କଣ ମିଳିବ ବୋଲି ଏହି ବିଶ୍ୱାସରେ ଆମେ ବଞ୍ଚୁଛେ। ଏହାହିଁ ଆମର ବିଶ୍ୱାସ, ଏହାହିଁ ଆମର ଆଦର୍ଶ ଓ ଏହାହିଁ ଆମର ସର୍ବସ୍ୱ ଅଟେ। ଏଠାରେ ମୋର ପ୍ରଶ୍ନ-ଏହା କଣ ଆମର ସମ୍ମାନ ନା ସ୍ୱାଭିମାନ ? ଆମକୁ ଭାବିବାକୁ ପଡ଼ିବ, ଚିନ୍ତା କରିବା ପାଇଁ ପଡ଼ିବ, ଆମକୁ ମନେ ପକାଇବାକୁ ପଡ଼ିବ ଯେ, ୨୦ ହଜାର ବର୍ଷ ପୂର୍ବ ଗାଥାକୁ। ଆମେ ଜାଣୁ, ବିଶ୍ୱର ଦୁଇଶହ ଦେଶ ସେ ସମୟରେ ଗଠନ ହୋଇ ନ ଥିଲା। ତାହା ଆଜିର ଦିନରେ ହୋଇଛି। ସମଗ୍ର ଭାରତମାତା ଏହି ପୃଥିବୀରେ ମାଆ ଭାବରେ ଆମ୍ଭେମାନେ ତାରି କୋଳରେ ଜନ୍ମ ନେଇ ଏତେ ଦେଶକୁ ମଧ୍ୟ ଜନ୍ମ ଦେଇପାରିଥିଲା। ସେହି ଭାରତାମାତାର ସମଗ୍ର ଗୋଟିଏ ପୃଥିବୀ ଏବଂ ଦୁଇଶହ ଦେଶର ଜନନୀ ଭାବେ ଆଜି ଜାଗ୍ରତ ଭାରତମାତା ଦଣ୍ଡାୟମାନ।

ତେବେ ଶତ୍ରୁକୁ କେବେହେଲ ଆମ୍ଭେ ହାଲୁକା ଭାବିବା ନାହିଁ। ଶତ୍ରୁ ସହିତ ମିତ୍ର ହେବା ଆମର ସଂସ୍କୃତିର ମୂଳମନ୍ତ୍ର ଭିତରେ ରଖି ଯେସାକୁ ତେସା ନୀତି ଆପଣେଇବାର ସମୟ ଏବେ ଆସିଛି। ଆମେ ସଦାସର୍ବଦା ପଡ଼ୋଶୀ ଶତ୍ରୁର ଆକ୍ରମଣର ଶିକାର ହୋଇ ସାରିଲେଣି। ଏଣିକି ଆମର ଶାନ୍ତିପ୍ରିୟ ରାଷ୍ଟ୍ରକୁ ଅଶାନ୍ତ କରିବା ପାଇଁ ବାଧ କରୁଛନ୍ତି। ମୋର ଦେଶବାସୀ ଦେଶ ପାଇଁ ଚିନ୍ତା କରିବା ଆବଶ୍ୟକ। ଦେଶ ବଞ୍ଚିଲେ ଆମ ପାଇଁ ଅନୁଚିନ୍ତା କରିପାରିବା। ଜବାନମାନେ ଆମର ରକ୍ଷାକବଚ। ତାଙ୍କ ପଛରେ ଆମ୍ଭେ ଛିଡ଼ା ହେବା। ତାଙ୍କର ସାହସିକତାକୁ ମଜଭୁତ କରିବା। ଶପଥ ନେବା ଆଜ ହେ ଏହି ସ୍ଲୋଗାନ ସାଥୀ ହେ। ମେର ଜବାନ୍ ମହାନ୍ ହେ। ଜବାନ ତୁମ୍ ଆଗେ ଚଲୋ। ହମ୍ ତୁମାରା ସାଥ ହେ। ଜବତକ ଚୀନ ଆଗେ ବଢୋ, ମେରା ଭାରତ ମହାନ୍ ହେ। ଏହି ବାର୍ତ୍ତା ଚୀନ୍ ପାଇଁ ଆହ୍ୱାନ ହେଉ। ଆମେ ଜାଣିବା ଉଚିତ୍ ଯେ ଚୀନରେ ମରୁଡ଼ି ହେଲା, ଲୋକେ ଖାଇବା ପାଇଁ ନପାଇ ଭୋକରେ ଜୀବନ ଗଲା। ସେଥିପାଇଁ କ'ଣ ଆମର ଜବାନ ଦାୟୀ କି ? କାହିଁକି ଆମର ଭାରତମାତାର ଜବାନମାନଙ୍କ ଉପରେ ଲୁଚିଛପି ଋେରଙ୍କ ଭଳି ଆକ୍ରମଣ କଲା ? ନିରୀହ ଜବାନ କାହିଁକି ଅକାରଣରେ ଶହୀଦ ହେଲେ ? ଏହାର ଜବାବ ଭାରତମାତା ଆଜିର ଏହି ଅନାବଶ୍ୟକ ଯୁଦ୍ଧ ଦିବସରେ ପ୍ରଶ୍ନ ପଋରିବା ସହିତ ଉତ୍ତରକୁ ମଧ୍ୟ ଭାରତମାତା ଅପେକ୍ଷା କରି ରହିଛି। ଏହି ଅନାବଶ୍ୟକ ଯୁଦ୍ଧର ପରିସମାପ୍ତି ଘଟିନାହିଁ ବୋଲି ମୁଁ ଭାବୁଛି। ଯେତେଦିନ ପର୍ଯ୍ୟନ୍ତ ଏହାର ସଠିକ ଉତ୍ତର ମିଳିନାହିଁ, ସେତେଦିନ ପର୍ଯ୍ୟନ୍ତ ଏହି ଦୁଃଖଦଭରା କାହାଣୀର ଗାଥା ଭାରତମାତାର ଜବାନମାନଙ୍କୁ ଭୂତ ଭଳି ଗୋଡ଼ାଉଥିବ। "ଜୟ ହିନ୍ଦ୍, ଜୟ ଭାରତ, ଜୟ ଜାଗ୍ରତ"

*-ଲେଖକ ଜଣେ କଠୋରପନ୍ଥୀ ଦେଶଭକ୍ତ ସ୍ତମ୍ଭକାର, ଜାତୀୟ ସ୍ତରର ସାମ୍ବାଦିକ, 'ଇଣ୍ଡିଆନ ନିଉଜ ସାଇଟ' ତଥା ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ, ସାମନ୍ତରାପୁର, ପୁରୁଣା ଭୁବନେଶ୍ୱର-୨, ଜିଲ୍ଲା-ଖୋର୍ଦ୍ଧା, ମୋ: ୭୮୪୮୮୯୮୪୫୬*
E-mail: spradeepkumar501@gmail.com




# ଦୁର୍ଘଟଣା ମୃତ୍ୟୁ କମିପାରିବ



ସୂଚନା ପ୍ରଯୁକ୍ତିର ବୈପ୍ଳବିକ ପ୍ରଗତି, ଡିଜିଟାଲ ଇଣ୍ଡିଆର ଭେଳିକି, ସଚେତନତା ପାଇଁ କୋଟି କୋଟି ଟଙ୍କାର ଟଙ୍କା ଶ୍ରାଦ୍ଧ ହୋଇ ବି ଉଦ୍‌ବେଗଜନକ ଭାବରେ ସଡ଼କ ଦୁର୍ଘଟଣାରେ ଅନେକଙ୍କ ଜୀବନ ଦୀପ ନିର୍ବାପିତ ହୋଇଯାଉଛି। ନିକଟରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଭାରତରେ ଗୋଟିଏ ଘଣ୍ଟା ଭିତରେ ସେଥିରେ ପାଖାପାଖି ୧୬ଜଣଙ୍କ ପ୍ରାଣହାନୀ ହୋଇଛି। ଏହି ପରିସଂଖ୍ୟାନକୁ ହିସାବ କଲେ ଭାରତରେ ପ୍ରତିଦିନ ୩୮୪ଜଣଙ୍କ ଜୀବନ ହାନୀ ହେଉଛି। କେବଳ ଗତବର୍ଷ ସମଗ୍ର ଭାରତରେ ୪ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ସଡ଼କ ଦୁର୍ଘଟଣାରେ, ୧ଲକ୍ଷ ୪୦ ହଜାରରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ୫ଲକ୍ଷ ପାଖାପାଖି ଲୋକେ ଗୁରୁତର ଭାବେ ଆହତ ହେଉଛନ୍ତି। କେତେକ ବିକଳାଙ୍ଗ ହୋଇ ସାରା ଜୀବନ ବିତାଉଥିବାର ଛାତିଥରା ଘଟଣାଟି ହେଉଛି ଏହା। ସମଗ୍ର ପୃଥିବୀରେ ଅନ୍ୟ ରାଷ୍ଟ୍ର ତୁଳନାତ୍ମକ ପରିସଂଖ୍ୟାନରେ ଭାରତର ରାସ୍ତା ସବୁଠାରୁ ଅଧିକ ଦୁର୍ଘଟଣା ପ୍ରବଣ। ଗତ ୨୦୧୩ରେ ଦେଶରେ ଘଟିଥିବା ଦୁର୍ଘଟଣା ସଂଖ୍ୟା ଥିଲା ପ୍ରାୟ ୫ ଲକ୍ଷ ଏବଂ ଏଥିରେ ୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା । ସଡ଼କ ଦୁର୍ଘଟଣାର ଭୟାବହତାର ତଥ୍ୟ ଯାହା ଅନେକ ହତଭାଗ୍ୟଙ୍କ ବୃତ୍ତିଗତ କ୍ଷେତ୍ର ଠାରୁ ପାରିବାରିକ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଥାଏ। ସଡ଼କ ଦୁର୍ଘଟଣାକୁ କେତେକାଂଶରେ ରୋକିବା ପାଇଁ ସରକାରୀ ଓ ବେସରକାରୀ କ୍ଷେତ୍ରରେ ବହୁତ କିଛି କାର୍ଯ୍ୟ ହେଉଥିବାର ଢ଼ୋଲ ପିଟାଯାଉଛି। କିନ୍ତୁ କିଛି ଫଳ ମିଳୁ ଥିବାର ତ ଦେଖାଯାଉନାହିଁ? ତେବେ ଆଉ ଗୋଟିଏ ଉଦ୍‌ବେଗ ଜନକ ପ୍ରସଙ୍ଗ ହେଉଛି ଯେ ଘଟଣାସ୍ଥଳରେ ମୁମୂର୍ଷୁ ହୋଇଥିବା ଲୋକଟିକୁ ତତ୍କାଳ ଚିକିତ୍ସାଳୟକୁ ନେଇ ପାରିଲେ ହୁଏତ କିଛି ଲୋକଙ୍କ ଜୀବନ ଅନ୍ତତଃ ବଞ୍ଚିଯାଇପାରନ୍ତା। ଏଥିପାଇଁ ଆବଶ୍ୟକ ଦୁର୍ଘଟଣାର ଆହତଙ୍କୁ ଠିକଣା ସମୟରେ ଚିକିତ୍ସା ଏବଂ ସର୍ବନିମ୍ନ ସଡ଼କ ସୁରକ୍ଷା ନିୟମର ପାଳନ । ଆଇନ କମିସନଙ୍କ ଏକ ରିପୋର୍ଟ ଅନୁଯାୟୀ ସଡ଼କ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ପ୍ରାୟ ଅଧା ଲୋକଙ୍କ ଜୀବନ ରକ୍ଷା ହୋଇପାରନ୍ତା, ଯଦି ସେମାନଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରନ୍ତା । କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଅନେକ କ୍ଷେତ୍ରରେ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ ଠିକଣା ସମୟରେ ଚିକିତ୍ସା ସୁବିଧା ମିଳି ପାରୁନାହିଁ । ଏଥିପାଇଁ ଜରୁରୀ ଆମ୍ବୁଲାନ୍ସ ସେବାର ଅଭାବ ମୁଖ୍ୟତଃ ଦାୟୀ ହୋଇଥିଲେ ସୁଦ୍ଧା ଆଇନଗତ ସମସ୍ୟା ମଧ୍ୟ ଏ କ୍ଷେତ୍ରରେ ଏକ ବାଧକ । ରାଜ୍ୟ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ବି ଏହି ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ସେତେଟା ସେବା ଯୋଗାଇ ପାରୁନଥିବାର ଅଭିଯୋଗ ବିଭିନ୍ନ ସମୟରେ ହୋଇଥାଏ। ଆମ ଆଇନ ବ୍ୟବସ୍ଥା ଏମିତି ଯେ, ଏହା ଦୁର୍ଘଟଣାରେ ଶିକାର ଆହତଙ୍କୁ ସହାୟତା କରିବା ଲାଗି ଉତ୍ସାହିତ କରିବା ପରିବର୍ତ୍ତେ ନିରୁତ୍ସାହିତ କରୁଛି । ପୁଲିସ୍ ଏବଂ ଅଦାଲତରେ ହଇରାଣ ହରକତ ହେବା ଭୟରେ ଅନେକ ବ୍ୟକ୍ତି ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବାରୁ କ୍ଷାନ୍ତ ହୁଅନ୍ତି । ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଗତ ଏକ ଜନସ୍ୱାର୍ଥ ମାମଲା ୨୦୧୧ରୁ ସୁପ୍ରିମକୋର୍ଟର ବିଚାରାଧୀନ ରହିଛି । ଏ ବିଷୟରେ କୋର୍ଟ ଏକ କମିଟି ଗଠନ କରିଥିଲେ ସୁଦ୍ଧା କିଛି ଚୂଡ଼ାନ୍ତ ହୋଇ ନାହିଁ । ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇ ସହାୟତାକାରୀଙ୍କୁ ସୁରକ୍ଷା ପ୍ରଦାନ ଲାଗି ଆଇନ ଓ ନିୟମର ଆବଶ୍ୟକ ସଂଶୋଧନ ହେବା ଏକାନ୍ତ ଆବଶ୍ୟକ । ସଡ଼କ ଦୁର୍ଘଟଣାର ବିଭିନ୍ନ କାରଣ ଭିତରେ ନିଶାଦ୍ରବ୍ୟ ସେବନ ପ୍ରଥମ। ମାନ୍ୟବର କୋର୍ଟ ପ୍ରଥମେ ଜାତୀୟ ରାଜପଥ କଡ଼ରୁ ମଦ ଦୋକାନ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ବି ମାନ୍ୟବର ନ୍ୟାୟାଳୟର ରାୟ ସରକାରଙ୍କ ନାଲିଫିତା ତଳେ ବନ୍ଧା ହୋଇ ଯାହା ଧୂଳି ହିଁ ଖାଉଛି। ସେହିପରି ଆମ ସଡ଼କର ଗୁଣାତ୍ମକ ମାନ ଭଲ ରହୁନଥିବାରୁ ରାସ୍ତା ଦବି ଯିବା ଦ୍ୱାରା ବା ଫାଟ ସୃଷ୍ଟି ହେବା ଦ୍ୱାରା ବିଭିନ୍ନ ସମୟରେ ଦେଖାଯାଇଥାଏ। ଚଳିତ ନବକଳେବର ମହାପ୍ରଭୁଙ୍କ ଘୋଷଯାତ୍ରା ପୂର୍ବରୁ କେନ୍ଦ୍ରୀୟ ପାଣ୍ଠି ସହଯୋଗରେ ପୁରୀ ରାସ୍ତା ଯେଉଁପରି ଗୁଣାତ୍ମକମାନର ହୋଇଥିଲା ତାହାର ପ୍ରମାଣ ଗୋଟିଏ ଦିନ ଭିତରେ ହିଁ ପୁରୀବାସୀ ପାଇଗଲେ!! ଏହାକୁ ଏକ ସଦ୍ୟତମ ଉଦାହରଣ କୁହାଯାଇପାରେ। ସେହିପରି ଗାଡ଼ି ଚାଳକମାନେ ଯଥେଷ୍ଟ ଭାବରେ ନିଦ୍ରାରେ ଯାଉନଥିବାରୁ ଏହା ବି ଏକ କାରଣ। ସେହିପରି ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଯୁବକମାନଙ୍କ ଭିତରେ ଡେୟାର ଡ୍ରାଇଭିଂ, ବିନା ହେଲମେଟ ବ୍ୟବହାର, ବଡ଼ଯାନର ସିଟ ବେଲଟ୍ ବ୍ୟବହାର ନ ହେଉଥିବାର, ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ ନହୋଇଥିବାରୁ ଏହା ବି ଏକ ପ୍ରକାର କାରଣ। ତେବେ ଏ ନେଇ ସରକାରଙ୍କ ଉପରେ ସବୁଯାକ ଦୋଷ ଲଦିଲେ ଏପରି ଏକ ଉଦ୍‌ବେଗଜନକ ପ୍ରସଙ୍ଗର ଅନ୍ତଃ ଘଟିପାରିବ ନାହିଁ। ସର୍ବୋପରି ଆମ ସମସ୍ତଙ୍କର ସଚେତନତା ସୃଷ୍ଟି ପାଇଁ ସହଯୋଗର ହାତ ବଢ଼ାଇବା ବି ନିହାତି ଜରୁରୀ।

**—ଅରୁନ୍ଧତୀ ଦେବୀ, ଶୋଭନୀୟ ଆନ୍ଦୋଳନ, ଉଦୟଗିରି, ଯାଜପୁର, ଦୂରଭାଷ : ୯୪୩୭୧୨୪୫୭୨**

## ଗଳ୍ପ ସଙ୍କଳନ 'ବନ୍ଧନର ବ୍ୟଥା' ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): ସେନାବାହିନୀର ଅବସରପ୍ରାପ୍ତ ସୁବେଦାର ମେଜର ଭରତ ଚନ୍ଦ୍ର ଜେନାଙ୍କ ରଚିତ ଦ୍ୱିତୀୟ ପୁସ୍ତକ "ବନ୍ଧନର ବ୍ୟଥା" ପୂଜ୍ୟପାଦ ପଦ୍ମଶ୍ରୀ ବାବା ବଳିଆଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବନଫୁଲ ପ୍ରକାଶନ ଆନୁକୂଲ୍ୟରେ ପ୍ରକାଶିତ ଏହି ସଙ୍କଳନରେ ତିରିଶଟି ଗଳ୍ପ ସମାହିତ ହୋଇଅଛି। କବି ଦେବେନ୍ଦ୍ର ନାଥ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚିତ ସଭାରେ ପଦ୍ମଶ୍ରୀ ବାବା ବଳିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଡକ୍ଟର ତ୍ରିନାଥ ପଟ୍ଟନାୟକ ମୁଖ୍ୟବକ୍ତା ଓ ଡକ୍ଟର ତୋଫାନ ଜେନା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ମେଜର ଜେନାଙ୍କ ରଚିତ ଗଳ୍ପଗୁଡିକରେ ସାମାଜିକ ଚେତନା ଏବଂ ବରିଷ୍ଠମାନଙ୍କୁ ଆଦର ଓ ସମ୍ମାନ ପ୍ରଦାନ କରିବାର ପ୍ରେରଣା ଭରି ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ପିନାକୀ ମିଶ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ "ବନ୍ଧନର ବ୍ୟଥା" ପୁସ୍ତକର ଅପୂର୍ବ ସାମାଜିକ ଚେତନା ଓ ମୂଲ୍ୟବୋଧ ଉଦଯିବିତ ହୋଇଅଛି। ଡକ୍ଟର ଚିଦାନନ୍ଦ ସରସ୍ୱତୀ ମଞ୍ଚ ପରିଚାଳନା କରିଥିବା ବେଳେ କବି ସଞ୍ଜୟ କୁମାର ମଲ୍ଲିକ, ମନ୍ମଥନାଥ ବରାଳ, ଡକ୍ଟର ରତ୍ନାକର ମଲ୍ଲିକ, ଶୁଭାଂଶୁ ଦାସ, ସିଦ୍ଧାର୍ଥ ଶଙ୍କର ରାୟ, କୁଞ୍ଜବିହାରୀ ପାଣି, ଅମର ରାଉତ, ବିଧୁ ଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। କବୟିତ୍ରୀ ଆରତି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆ ଗର୍ଭପାତ ଆଇନ



ଗର୍ଭ ନଷ୍ଟ କରିବାର ସମୟ ସୀମାକୁ ଚାରି ସପ୍ତାହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗର୍ଭପାତ ସଂଶୋଧନ ବିଲ୍-୨୦୨୦ ଉପରେ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ସଂସଦର ଆଗାମୀ ଅଧିବେଶନରେ ଏହି ବିଲ ଉପସ୍ଥାପନ କରାଯିବ। ଏହାଫଳରେ ଆଗାମୀ ଦିନରେ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କ ଗର୍ଭକୁ ୨୪ ସପ୍ତାହ ମଧ୍ୟରେ ନଷ୍ଟ କରିପାରିବେ। ଏଥିପାଇଁ କୌଣସି ଆଇନଗତ ପ୍ରତିବନ୍ଧକ ରହିବ ନାହିଁ। ତେବେ ଏହି ୨୪ ସପ୍ତାହର ସମୟସୀମା କେବଳ ବିଶେଷ କ୍ଷେତ୍ରରେ ଲାଗୁ ହେବ। ଦୁଷ୍କର୍ମ ପୀଡ଼ିତା, ରୋଗଗ୍ରସ୍ତ ମହିଳା ଓ ଅବାଞ୍ଛିତ ଗର୍ଭଧାରଣକୁ ନଷ୍ଟ କରିବା ପାଇଁ ଏହି ସଂଶୋଧନ ଅଣାଯାଇଛି। ପୂର୍ବରୁ ଗର୍ଭ ନଷ୍ଟ କରିବାର ଆଇନଗତ ସମୟସୀମା ୨୦ ସପ୍ତାହ ରହିଥିଲା। ବୁଧବାରର କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି କି ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ସଂଶୋଧନ ବିଲ ୨୦୨୦କୁ କ୍ୟାବିନେଟ ଅନୁମୋଦନ ମିଳିଛି। ଫଳରେ ୧୯୭୧ ମସିହା ମେଡ଼ିକାଲ ଟର୍ମିନେସନ ଅଫ ପ୍ରେଗନାନ୍ସି ଆଇନରେ ସଂଶୋଧନ କରିବାର ରାସ୍ତା ସଫା ହୋଇଛି। ଏହି ବିଲକୁ ସଂସଦର ଆଗାମୀ ଅଧିବେଶନରେ ଉପସ୍ଥାପନ କରାଯିବ। ଏହି ବିଲ ଗୃହୀତ ହେଲେ ମହିଳାମାନେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କରିବାକୁ ଆଇନଗତ ଭାବେ ଅଧିକାର ପାଇବେ। ତେବେ ଏହା ପୂର୍ବରୁ ୨ଜଣ ଡାକ୍ତରଙ୍କ ଅନୁମତି ନେବାକୁ ପଡ଼ିବ। ଏହି ଦୁଇ ଡାକ୍ତରଙ୍କ ମଧ୍ୟରୁ ଜଣେ ସରକାରୀ ଡାକ୍ତର ହୋଇଥିବା ଦରକାର। ସୂଚନାଯୋଗ୍ୟ କି ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରାଯିବାବେଳେ ପ୍ରସୂତୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ୨୪ ସପ୍ତାହ ମଧ୍ୟରେ ଗର୍ଭପାତ କଲେ ଏହା ସୁରକ୍ଷିତ ହୋଇପାରିବ ବୋଲି କୁହାଯାଉଛି। ଏହି ସଂଶୋଧିତ ବିଲ ଫଳରେ ଦୁଷ୍କର୍ମ ପୀଡ଼ିତା ଓ ନାବାଳିକା ଗର୍ଭବତୀଙ୍କୁ ଉପଯୁକ୍ତ ନ୍ୟାୟ ମିଳିପାରିବ। ଅନେକ ସମୟରେ ବେଆଇନ ଭାବେ ଲୁଚାଛପାରେ ଅନଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଯାଉଥିବାରୁ ଜଣେ ଯୁବତୀ ପରବର୍ତ୍ତୀ ସମୟରେ ମା'ହୋଇ ପାରୁନାହାନ୍ତି। ତେଣୁ ଏହି ନୂଆ ଆଇନ ଫଳରେ ଏବେ ଏହି ବିପଦ ମଧ୍ୟ ଆଉ ରହିବନାହିଁ। ସୂଚନାଯୋଗ୍ୟ କି ଗତବର୍ଷ ଗର୍ଭପାତ ସମୟସୀମା ବୃଦ୍ଧି କରିବା ପାଇଁ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ସମୟରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କୁ କୁହାଯାଇଥିଲା କି ଗର୍ଭପାତ ସମୟସୀମାକୁ ୨୦ ସପ୍ତାହରୁ ୨୪ କିମ୍ବା ୨୬ ସପ୍ତାହ କରିବା ପାଇଁ ବିଚାରବିମର୍ଶ ଆରମ୍ଭ କରାଯାଉଛି। ଅମିତ ଶାହିନ ନାମକ ଯୁବକ ତାଙ୍କ ଜନସ୍ୱାର୍ଥ ମାମଲାରେ କହିଥିଲେ ଯେ ମହିଳାମାନେ ଗର୍ଭଧାରଣ ପରେ ସମାଜରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁଭଳି ଭାବେ ଗର୍ଭ ଧାରଣର କ୍ଷମତା ମହିଳାଙ୍କ ପାଖରେ ରହିଛି, ଠିକ୍ ସେହିପରି ଗର୍ଭ ନଷ୍ଟ କରିବାର କ୍ଷମତା ମଧ୍ୟ ମହିଳାଙ୍କ ପାଖରେ ରହିବା ଦରକାର ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ କି ନେପାଳ, ଫ୍ରାନ୍ସ, ଇଂଲଣ୍ଡ, ଅଷ୍ଟ୍ରିଆ, ଇଥିଓପିଆ, ଇଟାଲୀ, ସ୍ପେନ, ଆଇସଲ୍ୟାଣ୍ଡ, ନରୱେ, ଫିନଲ୍ୟାଣ୍ଡ, ସ୍ୱିଡ଼େନ ଓ ସ୍ୱିଜରଲ୍ୟାଣ୍ଡ ଭଳି ଦେଶର ଗର୍ଭପାତ କରିବାର ସମୟସୀମା ୨୦ ସପ୍ତାହରୁ ଅଧିକ ରହିଛି। ସେହିପରି ଡ଼େନମାର୍କ, ଘାନା, କ୍ୟାନାଡା, ଜର୍ମାନୀ, ଭିଏତନାମ ଓ ଜିମ୍ବାୱେ ଭଳି ଦେଶରେ ଯେ କୌଣସି ସମୟରେ ଗର୍ଭପାତ କରିବାକୁ ଅନୁମତି ଦିଆଯାଇଛି।

ଗର୍ଭାବସ୍ଥାର କିଛି ସପ୍ତାହ ମଧ୍ୟରେ ଭ୍ରୁଣକୁ ନଷ୍ଟ କରାଯିବା ପ୍ରକ୍ରିୟାକୁ କୁହାଯାଏ ଗର୍ଭପାତ । ଭାରତରେ ପ୍ରଚଳିତ ଏମଟିପି ଆକ୍ଟ ଅନୁଯାୟୀ କେଉଁ ପରିସ୍ଥିତିରେ ଗର୍ଭପାତ ହୋଇପାରିବ, କିଏ ଗର୍ଭପାତ କରିବେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଗାଇଡ଼ ଲାଇନ ଓ ସର୍ତ୍ତ ବ୍ୟବସ୍ଥା ରହିଛି । ତଥାପି ଅଜ୍ଞତାବଶତଃ ବହୁ ମହିଳା ବିନା ଡାକ୍ତରୀ ପରାମର୍ଶରେ ଅସୁରକ୍ଷିତ ଉପାୟରେ ଗର୍ଭପାତ କରୁଛନ୍ତି। ଯାହାଦ୍ୱାରା କେତେକ କ୍ଷେତ୍ରରେ ଗର୍ଭସ୍ଥ ଶିଶୁସହ ମାଆର ବି ମୃତ୍ୟୁ ହୋଇଥାଏ। ମାତୃତ୍ୱର ପ୍ରଥମ ପର୍ଯ୍ୟାୟ ହେଉଛି ଗର୍ଭାବସ୍ଥା। କୁହାଯାଏ ଯେ ଗର୍ଭାବସ୍ଥାରେ ନାରୀଟିର ମୁହଁରୁ ମାତୃତ୍ୱର ଆଭା ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥାଏ । କିନ୍ତୁ ଆମ ଦେଶରେ ଏହି ମାତୃତ୍ୱର ପ୍ରଥମ ପର୍ଯ୍ୟାୟଟିରେ ହିଁ ଲକ୍ଷ ଲକ୍ଷ ମହିଳା ସବୁଦିନ ପାଇଁ ଆଖି ବୁଜିଥାନ୍ତି। ପ୍ରାକୃତିକ ଭାବେ ଯଥା ଶାରୀରିକ ଅସୁସ୍ଥତା, ଦୂରଯାତ୍ରା, ଭାରୀ ଓଜନ ଉଠାଇବା ଇତ୍ୟାଦି କାରଣରୁ ମିସ୍‌କ୍ୟାରେଜ୍ ହୋଇଥାଏ। ଆଉ କେତେକ କ୍ଷେତ୍ରରେ ଗର୍ଭବତୀ ମହିଳାର ଶାରୀରିକ ସ୍ଥିତି ଓ ଅବସ୍ଥାକୁ ଲକ୍ଷ୍ୟ କରି ଡାକ୍ତରଙ୍କ ପରାମର୍ଶରେ ହିଁ ଗର୍ଭସ୍ଥ ଭ୍ରୁଣଟିର ନଷ୍ଟ କରାଯାଇଥାଏ। ଏହା ବ୍ୟତୀତ ଆଉ କେତେକ କାରଣ ଯଥା ଗର୍ଭଧାରଣ ଯୋଗୁଁ ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ଥିଲେ ଶିଶୁଟିର ଜନ୍ମ ପରେ ବିକଳାଙ୍ଗ ହେବାର ଆଶଂକା ଥିଲେ ବା କେତେକ କ୍ଷେତ୍ରରେ ଗର୍ଭରେ ଥିବା ଏକରୁ ଅଧିକ ପିଲାର କାରଣରୁ ଡାକ୍ତରଙ୍କ ପରାମର୍ଶରେ ଗର୍ଭପାତ କରାଯାଇଥାଏ। ଯାହାକୁ ଥେରାପେଟିକ୍ ଆବର୍ସନ କୁହାଯାଏ। ସେହିପରି କେତେକ ମହିଳାଙ୍କ କ୍ଷେତ୍ରରେ ଗର୍ଭନିରୋଧକ ବ୍ୟବସ୍ଥା ବିଫଳ ହେଲେ ଇତ୍ୟାଦି କାରଣରୁ ଗର୍ଭପାତ କରାଯାଇଥାଏ, ଯାହାକୁ ଇଲେକ୍‌ଟିଭ୍ ଆବର୍ସନ କୁହାଯାଏ।

୧୯୭୫ ମସିହାରେ ଭାରତ ସରକାରଙ୍କ ଦ୍ୱାରା ମେଡ଼ିକାଲ ଟର୍ମିନେସନ୍ ଅଫ୍ ପ୍ରେଗେନାନ୍ସି ବା ଏମଟିପି ଆକ୍ଟ କାର୍ଯ୍ୟକାରୀ ହେଲା। ଗର୍ଭବତୀ ମହିଳା କିମ୍ବା ଗର୍ଭସ୍ଥ ଶିଶୁର ଜୀବନ ହାନି ପରି ପରିସ୍ଥିତି ଉପୁଜିଲେ ଗର୍ଭପାତ କରାଯାଇଥାଏ । ସେହିପରି ଅଲଟ୍ରା ସାଉଣ୍ଡ ରିପୋର୍ଟରେ ଗର୍ଭସ୍ଥ ଶିଶୁଟି ଯଦି ବିକଳାଙ୍ଗ ବୋଲି ଜଣାପଡ଼େ କିମ୍ବା ଧର୍ଷଣର ଶିକାର ଦ୍ୱାରା ଗର୍ଭବତୀ କାରଣ, ଅପରିପକ୍ୱ ବାଳିକାଙ୍କ କ୍ଷେତ୍ରରେ ଏହିପରି କିଛି କାରଣକୁ ନେଇ ସାମାଜିକ ଦୃଷ୍ଟିକୋଣରୁ ଗର୍ଭପାତ ଆଇନ ସମ୍ମତ । ତେବେ ଏ କ୍ଷେତ୍ରରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ହିଁ ସବୁ ଦିଗରୁ ବିଚାର କରି ନିଷ୍ପତ୍ତି ନେଇଥାନ୍ତି । ଗର୍ଭନିରୋଧ ବ୍ୟବସ୍ଥା ବିଫଳ ହେଲେ ବାର ସପ୍ତାହ ମଧ୍ୟରେ ଗର୍ଭପାତ କରାଯାଇଥାଏ । କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ବାରରୁ କୋଡିଏ ସପ୍ତାହ ମଧ୍ୟରେ ଗର୍ଭପାତ ଆଇନ ସମ୍ମତ ହୋଇଥାଏ । ଜୀବନ ପ୍ରତି ବିପଦ ଥିବା କାରଣରୁ ଏହି ସମୟରେ ଗର୍ଭପାତ ନିହାତି ଆବଶ୍ୟକ ହୋଇଥାଏ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ, ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ପଚିଶ ପ୍ରତିଶତ ଗର୍ଭବତୀଙ୍କ ଗର୍ଭାବସ୍ଥାରେ ହିଁ ମୃତ୍ୟୁ ହୋଇଥିବାବେଳେ ସଂକ୍ରମଣ କାରଣରୁ ପନ୍ଦର ପ୍ରତିଶତ, ଅସୁରକ୍ଷିତ ଗର୍ଭପାତ କାରଣରୁ ତେର ପ୍ରତିଶତ, ଅସହ୍ୟ ପ୍ରସବ ବେଦନା ପାଇଁ ଆଠ ପ୍ରତିଶତ, ଏକ୍ଲାମ୍ପସିଆ କାରଣରୁ ବାର ପ୍ରତିଶତ, ଅନ୍ୟାନ୍ୟ ପରିପାର୍ଶ୍ୱିକ କାରଣ ପାଇଁ ଆଠ ପ୍ରତିଶତ ଓ ପରୋକ୍ଷ କାରଣ ପାଇଁ ଉଣେଇଶ ପ୍ରତିଶତ ଗର୍ଭବତୀ ଆଖି ବୁଜିଥାନ୍ତି । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ପ୍ରତିବର୍ଷ ସାରା ବିଶ୍ୱରେ ପାଖାପାଖି କୋଡିଏ ନିୟୁତ ଅସୁରକ୍ଷିତ ଗର୍ଭପାତ ହୋଇଥାଏ । ଏହା ମଧ୍ୟରୁ ସତାନବେ ପ୍ରତିଶତ ବିକାଶୋନ୍ମୁଖୀ ଦେଶମାନଙ୍କରେ ହୋଇଥାଏ । ଯାହାଦ୍ୱାରା ପ୍ରତିବର୍ଷ ଅନୁନ୍ୟ ଅଢ଼ଷଠି ହଜାର ମହିଳାଙ୍କ ମୃତ୍ୟୁ ହୋଇଥାଏ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ସାରା ବିଶ୍ୱରେ ଯେତେ ମାତୃମୃତ୍ୟୁ ହାର ହେଉଛି ସେଥିମଧ୍ୟରୁ ତେର ପ୍ରତିଶତ ଅସୁରକ୍ଷିତ ଗର୍ଭପାତ ଯୋଗୁଁ ହୋଇଥାଏ । ସେହିପରି ପାଞ୍ଚ ନିୟୁତ ମହିଳା ଶାରୀରିକ ତଥା ମାନସିକ ଭାବେ ଭିନ୍ନକ୍ଷମ ପାଲଟି ଯାଉଛନ୍ତି।

ସ୍ୱାସ୍ଥ୍ୟ, ଶିକ୍ଷାର ଅଭାବ, ଜନ୍ମ ନିୟନ୍ତ୍ରଣ ତଥା ଅନୁନ୍ନତ ସ୍ୱାସ୍ଥ୍ୟ ସେବା ଗର୍ଭପାତ ଦ୍ୱାରା ହେଉଥିବା ମୃତ୍ୟୁର ପ୍ରମୁଖ କାରଣ । ସେହିପରି ଗର୍ଭପାତକୁ ଆଇନ ସମ୍ମତ କରାନଯିବା ଯୋଗୁଁ ମଧ୍ୟ ସମସ୍ୟା ଦେଖାଯାଇଥାଏ । ଯେଉଁ ଦେଶ ମାନଙ୍କରେ ଗର୍ଭପାତକୁ ଆଇନତଃ ସ୍ୱୀକୃତି ମିଳିନାହିଁ ସେଠାରେ ଅଧିକ ପରିମାଣରେ ଅସୁରକ୍ଷିତ ଗର୍ଭପାତ କରାଯାଉଥିବାର ଜଣାଯାଏ । ସେହିପରି ଅନେକ ସମୟରେ ଗର୍ଭନିରୋଧ ବଟିକାର ବ୍ୟବହାର ସମ୍ପର୍କରେ ନ ଜାଣିବା ଅସୁରକ୍ଷିତ ଗର୍ଭପାତର କାରଣ ପାଲଟିଥାଏ । ଏକ ରିପୋର୍ଟର ତଥ୍ୟ ଅନୁଯାୟୀ ଆଧୁନିକ ପରିବାର ନିୟନ୍ତ୍ରଣ ଓ ଗର୍ଭବତୀ ମାନଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଗଲେ ଗର୍ଭପାତ ଜନିତ ମୃତ୍ୟୁହାରକୁ ବାର୍ଷିକ ପାଖାପାଖି ୭୫ପ୍ରତିଶତ କମାଇ ଦିଆଯାଇପାରନ୍ତା । ଗର୍ଭପାତ ଶାରୀରିକ ସମସ୍ୟା ଓ ଗର୍ଭସ୍ଥ ଶିଶୁପାଇଁ ବିପଦର କାରଣ ଥିଲେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞମାନେ ସବୁ ଦିଗକୁ ବିଚାର କରି ଗର୍ଭପାତ କରିଥାନ୍ତି । ତେବେ ଗର୍ଭପାତ ପାଇଁ ମନ ନବଳାଇ ବରଂ ସୁରକ୍ଷିତ ଶିଶୁଟିକୁ ନୂତନ ଆଲୋକ ଦେଖାଇବା ପାଇଁ ଗର୍ଭବତୀମାନେ ନିଜକୁ ପ୍ରସ୍ତୁତ କରିବା ଉଚିତ।

**ଡାକ୍ତର କାନ୍ତୀ ନାୟକ, ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ: ୯୪୩୭୬୬୬୪୫୩**

## 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ଅବଦୁଲ କାଲାମଙ୍କ ୯୧ତମ ଜୟନ୍ତୀ ପାଳିତ

ଦର୍ପଣ (ପିଏନ)-ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ଗତ ଶନିବାର ବଡ଼ଚଣା ବ୍ଲକ ଖଣ୍ଡିଆବନ୍ଧ ଗ୍ରାମରେ ମିସାଇଲ ମ୍ୟାନ ଡକ୍ଟର ଏପିଜେ ଅବଦୁଲ କାଲାମଙ୍କ ୯୧ତମ ଜୟନ୍ତୀ ପାଳିତ ହୋଇଯାଇଛି. ୨୦୦୩ ମସିହା ମେ ମାସ ୧୫ ତାରିଖରେ ପୂର୍ବତମ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କାଲାମ ବଡ଼ଚଣା ବ୍ଲକ ଭୂଷଣ୍ଡପୁର ପଂଚାୟତର ୩ଟି ଗ୍ରାମ ଖଣ୍ଡିଆବନ୍ଧ,ରାଣୀବନ୍ଧୀ ଓ ଅକବରାବାଦ ଗ୍ରାମକୁ ଆସି ଗରିବ ଆଦିବାସୀଙ୍କ ଉପଲକ୍ଷେ ୨୦୦ରୁ ଉର୍ଦ୍ଧ୍ୱ ବାସଗୃହକୁ ଲୋକାର୍ପଣ କରିଥିଲେ। ସେହି କଥାକୁ ମନେରଖିବା ପାଇଁ ପ୍ରତିବର୍ଷ 'ପ୍ରୟାସ' ଅନୁଷ୍ଠାନ ପକ୍ଷରୁ ତାଙ୍କର ଜନ୍ମ ଦିନକୁ ପାଳନ କରାଯାଇଆସୁଛି। ଏହି ଉପଲକ୍ଷେ ଏକ ସଭାରେ ପ୍ରୟାସର ସଭାପତି ଆଇନଜୀବୀ ଆଶିଷ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଭାରତ ଭୂଷଣ ପଣ୍ଡା ସଭାକୁ ସଂଚାଳନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ.ମୁଖ୍ୟଅତିଥି ଭାବେ ଭୂଷଣ୍ଡପୁର ପଂଚାୟତ ସରପଂଚ ଯଯାତି କେଶରୀ ରାଉତ ଯୋଗ ଦେଇ କାଲାମଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିବା ସହ କାଲାମଙ୍କ ଜନ୍ମ ଦିନ ପାଳନ କରିବା ଆମ ପାଇଁ ଏକ ଗୌରବର ବିଷୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶିବରାମ ସାହୁ ଯୋଗଦେଇ ପ୍ରୟାସର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଆଜିର ଯୁବ ପିଢ଼ି ଡକ୍ଟର କାଲାମଙ୍କ ସରଳ ଜୀବନାଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଜଗନ୍ନାଥ ମୁଦୁଲି,ନାଏବ ସରପଂଚ ରଶ୍ମିତା ବରାଳ, ଅଧ୍ୟାପକ ସଲିଲ ରାଜନନ୍ଦନ ମହାନ୍ତି,ଆଇନଜୀବୀ ଦେବରାଜ ବେହେରା,ଆଇନଜୀବୀ ପ୍ରକାଶ ଚନ୍ଦ୍ର ଦାସ,ସାମ୍ବାଦିକ ମୋହନ ଖିଲାର,ପ୍ରସନ୍ନ ବିଶ୍ୱାଳ ଓ ସମାଜସେବୀ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟରେ କାଲାମଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରିଥିଲେ। ପାରମ୍ଭରେ ଅତିଥି ମାନେ କାଲାମଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସହ ସମ୍ପାଦକ ପ୍ରତାପ ଗୋଛାୟତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସଭ୍ୟ ବସନ୍ତ ପଲେଇ ଓ ମୋହନ ମହାରଣା ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା କରିଥିବା ସମାଜସେବୀ ସୁରେଶ ଚନ୍ଦ୍ର ବିଶ୍ୱାଳ,ବରିଷ୍ଠ ସାମ୍ବାଦିକ ଆଇନଜୀବୀ ପ୍ରଦୀପ୍ତ କୁମାର ପରିଡ଼ା ଓ ସମାଜସେବୀ ତଥା ନେସନର ସମ୍ପାଦକ ପ୍ରଦ୍ୟୁମ୍ନ ପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ,ଫୁଲତୋଡ଼ା ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରୟାସର ବରିଷ୍ଠ ସଭ୍ୟ ହେମେଶ ଜେନା,ମକରଧ୍ୱଜ ଦାସ, କୋଷାଧକ୍ଷ ଅମୀୟ ମହାରଣା, ଭବତୋଷ ବିଶ୍ୱାଳ,ସୁଶାନ୍ତ ନାୟକ,ଦିଲୀପ କୁମାର ସାହୁ,ମାନସ ରାଉତ, ରାଜେନ୍ଦ୍ର ନାୟକ, ବିଶ୍ୱଜିତ ବରାଳ, ପ୍ରମୋଦ କୁମାର ମହାପାତ୍ର,ବିଶ୍ୱରଂଜନ ସ୍ୱାଇଁ,କ୍ଷେତ୍ରବାସୀ ସାମଲ,ପ୍ରଶାନ୍ତ ସାମଲ, ଉତ୍କଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପ୍ରୟାସର ବରିଷ୍ଠ ସଭ୍ୟ ସୁରେନ୍ଦ୍ର ନାଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରାକ୍ତନ ସରପଂଚଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭବାନୀପୁର ବ୍ରାହ୍ମଣସାହିର ମୁରବୀ ତଥା ଅବିଭକ୍ତ କାଏମା ପଂଚାୟତର ପ୍ରାକ୍ତନ ସରପଂଚ ଓ ସମିତିସଭ୍ୟ ଶଶିଭୁଷଣ ପାଢୀ(୭୯)ଙ୍କର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ କଟକସ୍ଥିତ ଏକ ଘରୋଇ ନର୍ସିଂହୋମରେ ରହି ଚିକିତ୍ସିତ ହେଉଥିଲେ। ସେଠାରେ ତାଙ୍କର ପରଲୋକ ହୋଇଥିଲା। ପୁର୍ବରୁ ସେ କଂଗ୍ରେସ ଦଳର ବ୍ଲକ ସଭାପତି ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟକରିବା ସହ ପେଶାରେ ସେ ଜଣେ ମୋହରିର ଥିଲେ। ପୁର୍ବତନ ବିଧାୟକ ସ୍ୱର୍ଗତ କାଙ୍ଗାଳି ଚରଣ ପଣ୍ଡାଙ୍କର ସେ ଏକାନ୍ତ ଅନୁଗତ ଥିଲେ । ସମଗ୍ର ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସେ ମୁନସୀମେଲଣ କମିଟି, ମୋହରିର ସଙ୍ଘର ସଭାପତି ଭାବେ ବିଭିନ୍ନ ଅନୁଷ୍ଠାନରେ ଦୀର୍ଘବର୍ଷ ଧରି କାମ କରି ସମସ୍ତଙ୍କର ବେଶ ପରିଚିତ ଥିଲେ। ସମସ୍ତ କର୍ମୀଙ୍କୁ ଏକସୂତ୍ରରେ ବାନ୍ଧିରଖିବାରେ ତାଙ୍କର ଭୁମିକା ଅତୁଳନୀୟ ଥିଲା । ସର୍ବପୁରାତନ ଭୁବନ ମଠର ସେ ପରିଚାଳକ ଭାବେ ଦୀର୍ଘ ବର୍ଷ କାର୍ଯ୍ୟ କରିଛନ୍ତି। ପରବର୍ତି ସମୟରେ ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ସ୍ୱର୍ଗତଃ କଳ୍ପତରୁ ଦାସଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ତାଙ୍କର ମୃତ୍ୟୁ ଖବର ଜଣାପଡିବା ପରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ବସନ୍ତ ପରିଡା, ବିଜେଡି ବ୍ଲକ ସଭାପତି ତଥା ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ଭବାନୀପୁର ସରପଂଚ ଜ୍ୟୋତିର୍ମୟୀ ନାୟକ, ସମିତିସଭ୍ୟା ସରୋଜିନୀ ମହାନ୍ତି, ବିଜେଡି ଯୁବ ସଙ୍ଗଠକ ଅକ୍ଷୟ କୁମାର ନାୟକ, ବେଣୁଧର ପାଢୀ, ସାମ୍ବାଦିକ ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, ଅଖିଳ କୁମାର ସ୍ୱାଇଁ ପ୍ରମୁଖ ତାଙ୍କ ବାସଭବନରେ ପହଁଚି ଶେଷ ଦର୍ଶନ କରିଥିଲେ । ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ଗୁରୁଚରଣ ଟିକାୟତ, ଧର୍ମଶାଳା ବ୍ଲକ ପୁର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡା, ରସୁଲପୁର ବ୍ଲକ ପୁର୍ବତନ ଅଧ୍ୟକ୍ଷ ଚକ୍ରଧର ସାହୁ, ଶଶିଭୁଷଣ ସାହୁ, ରତ୍ନାକର ସାହୁ, ଲକ୍ଷ୍ମୀଧର ମହାନ୍ତି, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ନିତ୍ୟାନନ୍ଦ ବିଶ୍ୱାଳ, ଚନ୍ଦ୍ରମଣି ଦାଶ, ବିଚିତ୍ରାନନ୍ଦ କର, ନରୋତମ ନାୟକ, ବିଦ୍ୟାଧର ଧଳ, ସୁଧାକର ରାଉତ ଓ ସଂଜୟ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି । କଟକରୁ ତାଙ୍କ ମରଶରୀର ଆସି ଧର୍ମଶାଳା ବଜାରରେ ପହଁଚିବା ପରେ ଏକ ଶୋଭାଯାତ୍ରାରେ ଭବାନୀପୁରସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ଗ୍ରାମଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡପୁଅ ଅଶୋକ କୁମାର ପାଢୀ ମୁଖାଗ୍ନି ଦେଇଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବ୍ୟାଡମିଂଟନ ବୈଷୟିକ ଅଧିକାରୀ କର୍ମଶାଳା ଉଦଘାଟିତ: ୩୦ ପ୍ରାର୍ଥୀ ତାଲିମ ନେଉଛନ୍ତି

ବଲାଙ୍ଗୀର, (ପି.ଏନ): ପିଆର ହାଇସ୍କୁଲ ବ୍ୟାଡମିଂଟନ ଇନ୍‌ଡୋର ଷ୍ଟାଡିଅମ ସାରା ରାଜ୍ୟରେ ନିଜ ଢଙ୍ଗର ଏକ ମାତ୍ର ଷ୍ଟାଡିଅମ ଭଳି ଏକ ଉକ୍ତି ଆନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଅମ୍ପାୟାର ଓ ରାଜ୍ୟ ବ୍ୟାଡମିଣ୍ଟନ ସଂପାଦକ ପ୍ରକାଶ କରିବା ଶୁଣି ବଲାଙ୍ଗିରବାସୀ ନିଶ୍ଚୟ ଗର୍ବ ଅନୁଭବ କରିବେ। ବଲାଙ୍ଗିର ଭଳି ପଛୁଆ ଅନଗ୍ରସର ଅଂଚଳରେ ଏଭଳି ଏକ ଆଧୁନିକ ଓ ଉନ୍ନତମାନର ଷ୍ଟାଡିଅମ ସମ୍ଭବ କରିଥିବା ଉଦ୍ୟୋକ୍ତାମାନଙ୍କୁ ମୁଁ ସାଧୁବାଦ ଜଣାଉଛି। ତେବେ ଆନ୍ତରିକତା, ଉଦ୍ୟମ ଓ ରାଜନୈତିକ ଇଚ୍ଛାଶକ୍ତି ଥିଲେ ସବୁ ସମସ୍ୟାର ସମାଧାନ ବାଟ ଆପେ ଆପେ ଫିଟିବା ସହିତ ବିଭିନ୍ନ ଦିଗରୁ ଲୋକେ ସହଯୋଗର ହାତ ବଢାନ୍ତି। ଆଶା ତାଲିମ ନେଉଥିବା ସମସ୍ତ ପ୍ରାର୍ଥୀ ନିଜ ଲକ୍ଷରେ ସଫଳ ହେବେ ବୋଲି ଆଜି ସ୍ଥାନୀୟ ପିଆର ହାଇସ୍କୁଲ ଇନଡୋର ଷ୍ଟାଡିଅମଠାରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ବୈଷୟିକ ଅଧିକାରୀ ତାଲିମ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର କହିଛନ୍ତି। ସେ ଆହୁରି କହିଥିଲେ ଯେ, ବ୍ୟାଡମିଣ୍ଟନ କ୍ଷେତ୍ରରେ ବଲାଙ୍ଗିର ନିଜର ନାଁ କରି ଆସିଛି। ଦୁର୍ବଳ ଭିତିଭୂମି ସତ୍ତ୍ୱେ ବହୁ ବର୍ଷ ପରେ ପୁଣି ବଲାଙ୍ଗିର ଖେଳାଳି ରାଜ୍ୟସ୍ତରର ବିଭିନ୍ନ ବର୍ଗରେ ପୁଣି ବିଜୟ ଧାରା ଆରମ୍ଭ କରିଛନ୍ତି। ଜିଲ୍ଲା ସଂଘର କାର୍ଯ୍ୟକର୍ତାମାନଙ୍କ ଉଦ୍ୟମ ନିଶ୍ଚୟ ଭାବେ ପ୍ରଶଂସାର ପାତ୍ର। ଏଭଳି ଭିତିଭୂମି ବଲାଙ୍ଗିର ଖେଳାଳିମାନଙ୍କ ପରିଶ୍ରମ ଓ ପ୍ରତିଭାକୁ ଆଗାମୀ ଦିନରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରକୁ ଉନ୍ନିତ କରିବ ବୋଲି ଶ୍ରୀ ମିଶ୍ର କହିଥିଲେ। ଆଜି ସକାଳୁ ପୂର୍ବନିର୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଓଡିଶା ରାଜ୍ୟ ବ୍ୟାଡମିଂଟନ ସଂଘର ସଂପାଦକ ନୀଲିନ କୁମାର, କୋର୍ଟ ଅଫିସିଆଲ କମିଟି ଅଧକ୍ଷ ମନୋରଞ୍ଜନ ଦାଶ, ରାଜ୍ୟ ବରିଷ୍ଟ ବୈଷୟିକ ଅଧିକାରୀ ଜୟନ୍ତ ମିଶ୍ର ଷ୍ଟାଡିଅମକୁ ପହଂଚି ସମସ୍ତ ବ୍ୟବସ୍ଥା ଯାଂଚ କରିଥିଲେ। ପରେ ଆନ୍ତର୍ଜାତୀୟ ଓ ଅଲମ୍ପିକ ଅମ୍ପାୟାର ଉଦୟ ସାହାନେ ଓ ମୁଖ୍ୟ ଅତିଥି ଅମରେନ୍ଦ୍ର ମିଶ୍ରଙ୍କୁ ଜିଲ୍ଲା ସଂଘର କର୍ମକର୍ତାମାନେ ସ୍ୱାଗତ କରିବା ପରେ ବିଧିବଦ୍ଧ ଭାବେ ବ୍ୟାଡମିଣ୍ଟନ ବୈଷୟିକ ଅଧିକାରୀ କର୍ମଶାଳା ଉଦ୍‌ଘାଟନ କରିଥିଲେ। କରୋନା ଯୋଗୁଁ ବଲାଙ୍ଗିରରେ ଗତବର୍ଷ ୧୩ ବର୍ଷ ବର୍ଗର ଜାତୀୟ ପ୍ରତିଯୋଗିତା ହରାଇଥିଲା। କିନ୍ତୁ ବର୍ତମାନ ବଲାଙ୍ଗିର ସ୍ଥିତ ଇନ୍‌ଡୋର ସାରା ରାଜ୍ୟରେ ନିଆରା। ଆଗାମୀ ଦିନରେ ଏଭଳି ଉନ୍ନତମାନର ଭିତିଭୂମି ବିଭିନ୍ନ ସ୍ତରର ପ୍ରତିଯୋଗିତାକୁ ଆକର୍ଷିତ କରିବ ବୋଲି ରାଜ୍ୟ ସଂପାଦକ ନୀଲିନ ନିଜ ବକ୍ତବ୍ୟରେ କହିଥିଲେ। ସେହିପରି ଆନ୍ତର୍ଜାତୀୟ ଅମ୍ପାଆର ଶ୍ରୀ ସାହାନେ ମଧ ଇନଡୋର ସହିତ ଜିଲ୍ଲା ସଂଘର ଉଦ୍ୟମକୁ ଭୁୟସୀ ପ୍ରସଂଶା କରିବା ସହ ପ୍ରଶିକ୍ଷଣ ନେଉଥିବା ପ୍ରାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ସଂଘର କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ସାଂଗଠନିକ ସଂପାଦକ ସୁରୁଲାଲ ମଟାରୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ଘନଶ୍ୟାମ ମିଶ୍ର, ଜିଲ୍ଲା କୋଡିନେଟର ଆଦିତ୍ୟ କେଜରିୱାଲ, ମ୍ୟାଚ କୋଡିନେଟର ସୁରେନ୍ଦ୍ର ନେପାଲ ମଞ୍ଚାସୀନ ଥିବା ବେଳେ ବୈଷୟିକ ଅଧିକାରୀ ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥି, ଜିଲ୍ଲା ସଭ୍ୟ ବିରେନ୍ଦ୍ର ମିଶ୍ର, ଝୁଲୁ ପଟ୍ଟନାୟକ, କବିଚନ୍ଦ୍ର ଠାକୁର, ସୁନୀଲ ବେହେରା, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହରିଶଙ୍କର ନରସିଂହନାଥ ରୋପୱେ୍ ନିର୍ମାଣ ଦାବୀରେ ଜିଲ୍ଲାପାଳ ଙ୍କୁ ଦାବୀପତ୍ର ପ୍ରଦାନ

ବଲାଙ୍ଗିର,(ପି.ଏନ): ହରିଶଙ୍କର – ନୃସିଂହନାଥ ରୋପୱେ୍ ନିର୍ମାଣ ଦାବୀରେ ଜେଏମ୍‌ଏମ୍ ତରଫରୁ କୋସଲ ରାଜ୍ୟ ସମନ୍ୱୟ ସମିତିର ସମର୍ଥନରେ ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା । ବଲାଙ୍ଗିର ଏକ୍ସନ କମିଟି ଯୁବ ସାମୁଖ୍ୟ ସଭାପତି ବିନୋଦ କାଲସାଏଙ୍କ ସଭାପତିତ୍ୱରେ କୋସଲବାଦୀ ଚାଷୀ ଓ ଶ୍ରମିକ ନେତା ବିଭୁଦତ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜେଏମ୍‌ଏମ୍‌ର ଆବାହକ ମଣ୍ଡଳୀର ଶୁଶିଳ ଗୁରୁ, ଡିଙ୍ଗର କୁମ୍ଭାର ଓ ସୁବାଷ ଆଚାର୍ଯ୍ୟ ଯୋଗଦେଇ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ବିରୋଧ କରିଥିଲେ । କୋସଲ ରାଜ୍ୟ ସମନ୍ୱୟ ସମିତିର ଜମାଲ ଖାନ, ମନୋରଂଜନ ସାହୁ, ରବିଶଙ୍କର ମିଶ୍ର, ରଣରାଜ ସିଂଦେଓ, କୋସଲ ଯୁବ ଶକ୍ତିର ଶାନ୍ତନୁ କୁମାର ବୁଦ୍ଧିଆ, ଶୁଶିଲ ନାଏକ, ଆଲୋକ କୁମାର ବୁଡେକ ଏବଂ କୋସଲ ସଂଘର୍ଷ ବାହିନୀର ଅଭିଳାଷ ଭୋଇ, ବିମଳେନ୍ଦୁ ସାହୁ ପ୍ରମୁଖ ଧାରଣାରେ ଯୋଗଦେଇ ହରିଶଙ୍କର – ନୃସିଂହନାଥ ରୋପୱେ୍ କାର୍ଯ୍ୟ ବାତିଲ ବିରୋଧରେ ସରକାରଙ୍କୁ ଦୃଢ ନିନ୍ଦା କରିଥିଲେ । ଏହି ଧାରଣାରେ ବଲାଙ୍ଗିର ରେଳପଥ କମିଟି ତଥା ଖୋର୍ଦ୍ଧା – ବଲାଙ୍ଗିର ରେଳପଥ ସଂଘର୍ଷ ସମିତିର ଆବାହକ ଗୋପାଳଜୀ ପାଣିଗ୍ରାହୀ, ନାରୀନେତ୍ରୀ ନିରୁପମା ଉଦ୍ ?ଗାତା, ବ୍ୟାଙ୍କ କର୍ମଚାରୀ ନେତା ପୁଲିନ ମିଶ୍ର, କିଶୋର ପୁରୋହିତ, କେଏସ୍ ?ସିସିର ଶରତ ହୋତା, ଲାଲମନ ନାଗ, ନିଳମଣି ମିଶ୍ର, ମନୋରଂଜନ ମିଶ୍ର, ପୂର୍ବତନ ସୈନିକ ସଂଘର ବିଭୁତି ଭୂଷଣ ପାଣିଗ୍ରାହୀ, ପ୍ରତାପ ରଥ, କେକେଡିର ଜିଲ୍ଲା ସଭାପତି ପ୍ରଭାସ ମିଶ୍ର, ସ୍ୱାଧୀନ ମିଶ୍ର, ଚାଷୀ ନେତା ମଧୁସୁଦନ କ୍ଷେତି, କୋସଲ ନେତା ମୋତିଲାଲ ମିଶ୍ର, ପ୍ରଦ୍ୟୁମ୍ନ ବାବୁ ଏବଂ ଶତାଧିକ କୋସଲ ସଂଗ୍ରାମୀ ତଥା ବୁଦ୍ଧିଜୀବୀ ଧାରଣାରେ ସାମିଲ ହୋଇ ସ୍ୱତନ୍ତ୍ର କୋସଲ ରାଜ୍ୟ ହିଁ ଏକମାତ୍ର ବିକଳ୍ପ ବୋଲି ମତ ପ୍ରକାଶ କରିଥିଲେ । ଜିଲ୍ଲାପାଳଙ୍କ ଆମନ୍ତ୍ରଣ କ୍ରମେ କୋସଲ ସଂଗ୍ରାମୀ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ ।ମାମଲା ଗୁଡିକୁ ସମାଧାନ କରି ତହସିଲଦାର ମାନେ କ୍ୟାମ୍ପ କୋର୍ଟ କରି ୩ଦିନ ମଧ୍ୟରେ ଫଏସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ କ୍ଷୁଦ୍ର ଲଘୁ ଖଣିଜ ପଦାର୍ଥରୁ ଅଧିକ ରାଜସ୍ୱ ଆଦାୟ ପାଇଁ ପରାମର୍ଶ ଦେବା ସହ ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥର ଉତତୋଳନ ଓ ଚାଲାଣ ରୋକିବାକୁ ଦୃଢ ପଦକ୍ଷେପ ନେବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୂଲବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଓ ଏଥିରେ ଥିବା ଜବରଦଖଲକୁ ଉଚ୍ଛେଦ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ସହ ଏହାର ଉପକାରିତା ଲୋକାଭୀମୁଖୀ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଚାର ଆରମ୍ଭ କଲେ ବିଜେଡି ବିଦ୍ରୋହୀ ପ୍ରାର୍ଥି ରାଜେନ୍ଦ୍ର ଦାସ

ଭଦ୍ରକ, (ପି.ଏନ): ମନ୍ଦିର ଓ ମସଜିଦରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କଲେ ବିଜେଡିର ବିଦ୍ରୋହୀ ପ୍ରାର୍ଥି ରାଜେନ୍ଦ୍ର ଦାସ। ଉଭୟ ବିଜେଡି ଓ ବିଜେପି ପ୍ରାର୍ଥୀଙ୍କୁ ଟକ୍କର ଦେଇ ସ୍ୱାଭିମାନର ବିଜୟ ହାସଲ କରିବା ଲକ୍ଷ୍ୟନେଇ ରାଜେନ୍ଦ୍ରଙ୍କ ଯାତ୍ରା ଆରମ୍ଭ ହୋଇଛି। ଲୋକଙ୍କ ସମସ୍ୟା ସହିତ ରହି ସୁଖଦୁଃଖର ସାଥି ହୋଇଛନ୍ତି। ବିଜେଡିର ଆଗଧାଡିର ନେତା ଭାବେ ବେଶ ପରିଚିତ ଥିବାବେଳେ ଶେଷ ମୁହୂର୍ତ୍ତରେ ଚକ୍ରାନ୍ତର ଶିକାର ହୋଇଛନ୍ତି। ସମର୍ଥକଙ୍କ ଭାବାବେଗ ଓ ନିଜର ଆତ୍ମସମ୍ମାନ ଦୃଷ୍ଟିରୁ ସ୍ୱାଧିନ ଭାବେ ନାମାଙ୍କନ କରି ଏହି ନିର୍ବାଚନ ବୈତରଣୀରେ ଝାସ ଦେଇଛନ୍ତି। ଆଜି ସକାଳେ ଭଦ୍ରକସ୍ଥିତ ବାସଭବନରୁ ବାହାରି ଦୋଳସାହି ଓ ଅଲ୍ଲୀନଗରରେ ନିଜର ସମର୍ଥକଙ୍କ ମାନଙ୍କୁ ଭେଟିଥିଲେ। ପାଳିଆବିନ୍ଧାସ୍ଥିତ ବିର ନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଅଲ୍ଲୀନଗରସ୍ଥିତ ମସଜିଦରେ ଆଶିର୍ବାଦ ନେଇ ନନ୍ଦପୁର ଓ ତିହିଡି ବଜାରରେ ସମର୍ଥକ ମାନଙ୍କୁ ଭେଟିଥିଲେ। ପରେ ନିଜ ପ ।ୟତ କାପଁଡାରେ ଭାଇ ଭଉଣୀମାନଙ୍କୁ ଭେଟିବା ସହିତ ବାସୁଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ତେବେ ରାଜେନ୍ଦ୍ରଙ୍କୁ ସମର୍ଥନ ଜଣାଇ ଶହଶହ ଭୋଟରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାଜେନ୍ଦ୍ରଙ୍କୁ ଦଳୀୟ ଟିକେଟରୁ ବାଦ୍ ଦିଆଯିବା ବିଜେଡି ପାଇଁ ମହଙ୍ଗା ପଡିପାରେ ବୋଲି ଚର୍ଚ୍ଚା ହେଉଛି।

# ଧାମରା ବନ୍ଦର ମନମାନୀରେ ଶିକାର ୪ ରାଜସ୍ୱ ଗ୍ରାମର ବାସିନ୍ଦା, ରେଳ ଫାଟକ ପାଖରେ ଧାରଣା

ଭଦ୍ରକ, (ପି.ଏନ): ଧାମରା ବନ୍ଦର(ଆଦାନୀ) ମନମାନୀରେ ଶିକାର ହୋଇ ନାହିଁ ନଥିବା ଦୁର୍ଦଶା ଭୋଗୁ ଛନ୍ତି ୪ ରାଜସ୍ୱ ଗ୍ରାମର ବାସିନ୍ଦା। ଆଜି ଏହାକୁ ବିରୋଧ କରି ବହୁ ସ୍ଥାନୀୟ ଲୋକେ ଧାରଣା ଦେଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଦୋସିଙ୍ଗା ପଂଚାୟତରେ ଥିବା ଚିଆଣୀପାହି, ଓରାମାଳ ନରସିଂହପ୍ରସାଦ ଏବଂ ସମିପାଟିଆ ଗ୍ରାମର ଲୋକେ ବ୍ୟବହାର କରୁଥିବା ରାସ୍ତାଟି ସଂପୂର୍ଣ ବ୍ୟବହାର ଅନୁପୋଯୋଗୀ ହୋଇପଡିବା ପରେ ମଧ୍ୟ ଧାମରା ବନ୍ଦର ପ୍ରଶାସନ କେବଳ ନୀରବଦ୍ରଷ୍ଟା ସାଜି ବସିଛି। ଏହା ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ୩ହଜାରରୁ ଉର୍ଦ୍ଧ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଏହି ଗ୍ରାମରୁ ବିଦ୍ୟାଳୟ ଏବଂ ଅଙ୍ଗନବାଡିକୁ ଶିକ୍ଷାଗ୍ରହଣ କରିବାକୁ ଯାଉଥିବା କୋମଳମତି ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଯିବା ବନ୍ଦ କରି ଦେଲେଣି। ଏହି ରାସ୍ତା ଧାମରା ବନ୍ଦର (ଆଦାନୀ) ଅଧିନରେ ଥିବା ସତ୍ତ୍ୱେ କାହିଁକି ବନ୍ଦର କର୍ତୃପକ୍ଷ ମରାମତି କରୁନାହାନ୍ତି ବୋଲି ଅଂଚଳବାସୀ ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ଏହି ରାସ୍ତା ନିର୍ମାଣକୁ ନେଇ ବହୁବାର ସ୍ଥାନୀୟ ଅଧିବାସୀ ଧାମରା ବନ୍ଦର କର୍ତୁପକ୍ଷ ଏବଂ ଜିଲ୍ଲା ପ୍ରଶାସନକୁ ଲିଖିତ ଅଭିଯୋଗ କରିଥିଲେ। ଗତ ମାସରେ ସଂପୃକ୍ତ ଜନସାଧାରଣ ଙ୍କ ଅଭିଯୋଗକୁ ଭିତିକରି କରି ବନ୍ଦରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜେ ଆସି ବୁଲି ଦେଖିବା ସହ ଗୋଟିଏ ସପ୍ତାହ ମଧ୍ୟରେ କାର୍ଯ୍ୟ ହେବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## କେନ୍ଦୁଝର : ଜାତୀୟ ରାଜପଥ ଉପରେ ହୁତ ହୁତ ହୋଇ ଜଳିଲା ଟ୍ରକ

କେନ୍ଦୁଝର, (ପି.ଏନ): କେନ୍ଦୁଝର ରେ ଦେଖିବାକୁ ମିଳିଲା ଏକ ଅଭାବନୀୟ ଘଟଣା । ଜାତୀୟ ରାଜପଥ ଉପରେ ଦେଖୁ ଦେଖୁ ହଠାତ୍ ହୁତ ହୁତ ହୋଇ ଜଳି ଉଠିଥିଲା ଏକ ଟ୍ରକ । ଆଜି ସଂଧ୍ୟା ସମୟରେ ଘଟିଥିଲା ଏଭଳି ଏକ ଅଭାବନୀୟ ଘଟଣା । ଏହାକୁ ଦେଖି ଅବାକ ହୋଇ ଯାଇଥିଲେ ଦେଖଣାହାରୀ ସମସ୍ତେ । ଆଜି ସଂଧ୍ୟା ପ୍ରାୟ ୬ ଟା ସମୟରେ ୪୯ ନମ୍ବର ଜାତୀୟ ରାଜପଥ ର ନେଙ୍କଡାଘର ନିକଟରେ ଏହି ଘଟଣା ଘଟିଥିଲା ।

# ପୁରୀରେ ଘାତକ ସାଜିଛି ଫ୍ଲେବର ଇଟାରାସ୍ତା

ପୁରୀ,(ପି.ଏନ): ପୁରୀ ପୌରାଞ୍ଚଳରେ ଏବେ ଚାରିଆଡ଼େ ଫ୍ଲେବର ଇଟାରେ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳୁଛି । ଯେଉଁ ଉଦ୍ଦେଶ୍ୟ ନେଇ ଏହି ଇଟା ରାସ୍ତା ନିର୍ମାଣ ହେଉଛି ସେହି ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ । ବର୍ଷାଜଳ ସଂରକ୍ଷଣ କରିବା ସହ ଭୂତଳ ଜଳ ସ୍ଥର ସଂରକ୍ଷିତ କରିବା ପାଇଁ ଏହି ଇଟାର ରାସ୍ତା କରାଯାଉଛି । ପ୍ରାୟ ସାହି ରାସ୍ତାରେ କଂକ୍ରିଟ ରାସ୍ତା ଉପରେ ବାଲି ପକାଇ ତା ଉପରେ ଫ୍ଲେବର ଇଟା ବିଛା ଯାଉଛି। ଫ୍ଲେବର ଇଟାର ଫାଙ୍କ ବାଟେ ପାଣି ଶୋଷି ହୋଇ ଭୂତଳକୁ ନଯାଇ କଂକ୍ରିଟ ରାସ୍ତା ଉପରେ ଜମି ରହିବାରୁ ଫ୍ଲେବର ଇଟା ଦବୁଛି ଓ ଖାଲ ଢିପ ସୃଷ୍ଟି ହେଉଛି । ଯାହାଫଳରେ ଅନେକ ସ୍ଥାନରେ ଦୁର୍ଘଟଣା ଘଟୁଛି । ଅନ୍ୟପକ୍ଷରେ ବର୍ଷାଦିନେ ପଙ୍କ କାଦୁଅ ଜମି ରହୁଥିବାରୁ ସେହି ସ୍ଥାନରେ ବାଇକ ଗୁଡ଼ିକ ସ୍ଲିପ୍ କରି ଚାଳକ ଆହତ ହେଉଛନ୍ତି । ପୁରୀ ସହରର ବିଭିନ୍ନ କାମରେ ଇଟା ଫ୍ୟାକଟ୍ରି ମାଲିକ ମାଲେ ମାଲ ହେଉଥିବା ବେଳେ ସାହିବାସିନ୍ଦା ମାନେ ଦୁର୍ଘଟଣା ଗ୍ରସ୍ତ ହୋଇ ଖର୍ଚ୍ଚାନ୍ତ ହେଉଛନ୍ତି। ଇଟା ଏଭଳି ଖଞ୍ଜା ଯାଉଛି ଯଦି ଗୋଟିଏ ଇଟା ସେଟରୁ ବାହାରି ଯାଉଛି ତାହାଲେ ତାକୁ ଖଞ୍ଜିବା ପାଇଁ ଶହେ ଇଟା କୋଲିବା ପଡୁଛି । ଯେଉଁ ଠିକାଦାର କାମ କରୁଛନ୍ତି ସିଲ ଆଉ ମରାମତି କରୁନାହାନ୍ତି। ଆଜି ଲୋକନାଥ ରୋଡ ଷଣ୍ଢ ଯାଗାଠାରୁ ବଳିଆପଣ୍ଡାକୁ ଯାଇଥିବା ଦାମୋଦର ରୋଡ଼ର ଓଡ଼େଶା ଭବନ ନିକଟରେ ଏହି ଭଳି ଇଟା ରାସ୍ତା ଭାଙ୍ଗିଥିବା ଦେଖିବାକୁ ମିଳିଛି । ବିଶ୍ୱସ୍ତରୀୟ ସହରର ଏହି ବିକଳ ରୂପ ଦେଖି ପର୍ଯ୍ୟଟକ ମୁଣ୍ଡରେ ହାତ ମାରୁଛନ୍ତି । ଏହି ରାସ୍ତାକୁ ତୁରନ୍ତ ମରାମତି ପାଇଁ ଅଞ୍ଚଳବାସୀ ଦାବି କରୁଛନ୍ତି ।




# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)–ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)– ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚ୍ଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday October 20, 2022 ଭୁବନେଶ୍ୱର ଗୁରୁବାର, ଅକ୍ଟୋବର ୨୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଗୁପ୍ତଗଙ୍ଗା ଅଗରବତୀର ପଞ୍ଚମ ବିକ୍ରେତା ସମ୍ମିଳନୀ ଆୟୋଜିତ




କେନ୍ଦୁଝର,(ପି.ଏନ): ସ୍ଥାନୀୟ ସଂସ୍କୃତି ଭବନ କେନ୍ଦୁଝର ମଣ୍ଡୁଆ ଠାରେ ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ଗୁପ୍ତଗଙ୍ଗା ଅଗରବତୀର ବିକ୍ରେତା ମାନଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶତାଧିକ ବିକ୍ରେତା ଯୋଗ ଦେଇଥିଲେ । ସମ୍ମିଳନୀରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ପୌରପାଳିକାର ଅଧକ୍ଷା ନିକୁ ସାହୁ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ ଯୋଗଦାନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଚଳଚିତ୍ର ଜଗତର ବରିଷ୍ଠ ଅଭିନେତା ତଥା ଗୁପ୍ତଗଙ୍ଗା ଅଗରବତୀର ବ୍ରାଣ୍ଡ ଆମ୍ବାସଡର ଅଶ୍ରୁମୋଚନ ମହାନ୍ତି ଏହି ବର୍ଣ୍ଣାଢ୍ୟ ସମ୍ମିଳନୀରେ ଯୋଗଦାନ କରିଥିଲେ । ସମ୍ମିଳନୀ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜଳ୍ୱନ କରାଯାଇ ସଭା ଆରମ୍ଭ କରାଯାଇଥିଲା । ଉପସ୍ଥିତ ସମସ୍ତ ଅତିଥିଗଣ ଗୁପ୍ତଗଙ୍ଗା ଅଗରବତୀର ସ୍ୱତନ୍ତ୍ରତା ପାଇଁ ରାଜ୍ୟ ଓ ରାଜ୍ୟ ବାହାରେ ଲୋକଙ୍କ ନିକଟରେ ବେଶ୍ ଆଦୃତ ହୋଇପାରିଛି ବୋଲି ମତପ୍ରକାଶ କରିଥିଲେ । ଏହାର ସମସ୍ତ ଶ୍ରେୟ ପରିଚାଳନା ନିର୍ଦ୍ଦେଶିକା ଅନୀତା ମହାନ୍ତି, ନିର୍ଦ୍ଦେଶକ ଟୁଟୁ ମହାନ୍ତିଙ୍କ ମାର୍ଗ ଦର୍ଶନ ଓ ସର୍ବୋପରି ଗୁପ୍ତଗଙ୍ଗା ଅଗରବତୀର ବିକ୍ରେତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଆଶାତୀତ ସଫଳତା ଲାଭ କରିଛି ବୋଲି ଅଭିନେତା ଅଶ୍ରୁମୋଚନ ମହାନ୍ତି ନିଜସ୍ୱ ମତ ରଖିଥିଲେ । ବିକ୍ରେତାଙ୍କ ମଧ୍ୟରେ ପ୍ରତିଯୋଗିତା ପାଇଁ ମାନସିକତା ସୃଷ୍ଟି କରିବା ନିମିତ୍ତ ବିଭିନ୍ନ ବିକ୍ରେତାଙ୍କୁ ଭଗାମୁଣ୍ଡାର ବିକ୍ରେତା ମାୟାଧର ମହାନ୍ତଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ଏକ ସ୍କୁଟି, ଦ୍ୱିତୀୟ ପୁରସ୍କାର ସଦାଶିବ ସାହୁ ଡେଲି ମାର୍କେଟ୍ କେନ୍ଦୁଝର, ତୃତୀୟ ପୁରସ୍କାର ସ୍ୱରୂପ ୬ ଜଣଙ୍କୁ ଏଲଇଡି ଟିଭି, ଚତୁର୍ଥ ପୁରସ୍କାର ସ୍ୱରୂପ ମଣ୍ଡଳ ଷ୍ଟୋର ଖିରେଇଟାଙ୍ଗିରୀ ୱାସିଂ ମେସିନ୍ ଓ ପଞ୍ଚମ ପୁରସ୍କାର ସ୍ୱରୂପ ୧୦ ଜଣଙ୍କୁ ସାଇକେଲ ସହ ଶତାଧିକ ସାନ୍ତ୍ୱନାମୂଳକ ପୁରସ୍କାର ଅଗ୍ରବତୀ ବିକ୍ରେତାଙ୍କୁ ପ୍ରଦାନ କରାଯାଇଥିଲା । ଏଥି ସକାଶେ ଶିଶୁ କଳାକାର ମାନଙ୍କୁ ନେଇ ଏକ ନୃତ୍ୟର ଆୟୋଜନ ମଧ୍ୟ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ଆଗାମୀ ଦିନରେ ଗୁପ୍ତଗଙ୍ଗା ଅଗରବତୀର ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ଏହାର ଅଭିବୃଦ୍ଧି ଘଟୁ ବୋଲି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

## ଜନସମ୍ପର୍କ ପଦଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ

କେନ୍ଦୁଝର,(ପି.ଏନ): ବିଜୁ ଜନତା ଦଳ ର ରାଜ୍ୟ ସଭାପତି ମାନ୍ୟବର ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପବିତ୍ର ଗାନ୍ଧୀ ଜୟନ୍ତୀ ଅକ୍ଟୋବର ୨ତାରିଖ ଠାରୁ ମାସେ ବ୍ୟାପୀ ରାଜ୍ୟରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ସଦର ନିର୍ବାଚନ ମଣ୍ଡଳୀ ଝୁମ୍ପୁରା ବ୍ଲକର ୧୨ ଗୋଟି ପଚାଂୟତର ଦଳୀୟ କର୍ମକର୍ତାଙ୍କୁ ନେଇ ଜନସମ୍ପର୍କ ପଦଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଝୁମ୍ପୁରା ଠାରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଝୁମ୍ପୁରା ବ୍ଲକ ବିଜେଡି ସଭାପତି ମହମ୍ମଦ କଫିଲ ଆନସାରୀ ଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ମହିଳା ସଭାପତି ନଳୀନି ମହାନ୍ତ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରାଧାଗୋବିନ୍ଦ ପଟ୍ଟନାୟକ, ୧୭ନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ ,ବ୍ଲକ ବିଜେଡି ଛାତ୍ର ସଭାପତି ଭାଗିରଥି ପ୍ରଧାନ ଙ୍କ ସମେତ ୧୨ ପଚାଂୟତର ଦଳୀୟ କର୍ମକର୍ତା, ସଭାପତି,ସମ୍ପାଦକ ଏବଂ ସରପଚଂ. ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ରହି ନିଜର ସୁଚିନ୍ତିତ ମତାମତ ଦେଇଥିଲେ । ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ଗ୍ରାମାଚଂଳର ପ୍ରତ୍ୟେକ ଲୋକଙ୍କ ପାଖରେ ପହଁଚାଇବା ନେଇ ଝୁମ୍ପୁରା ବ୍ଲକ ବିଜେଡି ସଂକଳ୍ପ ନେଇଛି । ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକ ୧୨ ପଚାଂୟତର ଦଳୀୟ କର୍ମକର୍ତା ତଥା କର୍ମୀମାନଙ୍କୁ ନେଇ ଝୁମ୍ପୁରା ଠାରେ ଆସନ୍ତା ୩୦ତାରିଖ ରବିବାର ଦିନ ଏକ ମେଗା ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠି ହେବା ନେଇ ରୋଡମ୍ୟାପ ପ୍ରସ୍ତୁତ କରାଯାଇଥିଲା ।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ତୃତୀୟ ପ୍ରସ୍ତୁତି ବୈଠକ : ୮ ଦିନ ଧରି ଚାଲିବ ମହୋତ୍ସବ



ପାରାଦୀପ,(ପି.ଏନ): ଆସନ୍ତା ନଭେମ୍ବର ମାସ ୭ ତାରିଖରୁ ଆରମ୍ଭ ହେବାକୁ ଥିବା ପାରାଦୀପ କଳିଙ୍ଗ ବାଲିଯାତ୍ରା ପାଇଁ ତୃତୀୟ ପ୍ରସ୍ତୁତି ବୈଠକ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି । କରୋନା ମହାମାରୀ ଓ କୋଭିଡ କଟକଣା ପାଇଁ ଗତ ଦୁଇ ବର୍ଷ ଧରି ବନ୍ଦ ରହିଥିବା ଏହି ବାଲିଯାତ୍ରା ମହୋତ୍ସବ ଚଳିତ ବର୍ଷ ଉତ୍ସାହ ଓ ଉଦ୍ଦୀପନା ସହ ମହା ଆଡମ୍ବର ସହକାରେ ପାଳନ କରାଯିବାକୁ ନିଷ୍ପତି ହୋଇଛି । କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ. କାହ୍ନୁ ଚରଣ ଧିରଙ୍କ ପୌରହିତ୍ୟରେ ଓ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ତତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଟେଟଂ, ଷ୍ଟଲ, ସ୍ମରଣୀକା, ଦୋଳି, ମିନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରସ୍ତୁତି ଉପରେ ବିଷଦ ଆଲୋଚନା କରାଯାଇଥିଲା । ତେବେ ଏହି ପ୍ରସ୍ତୁତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସାଧାରଣରେ ସହମତି ପ୍ରକାଶ ପାଇଥିଲା । ଏହି ବୈଠକରେ କମିଟି ସଭ୍ୟ ପୌର ଉପାଧକ୍ଷା ଛବିଲତା ରାଉତ, ସୁମନ୍ତ ବିଶ୍ୱାଳ, ମାୟାଧର ରାଉତ, ଅକ୍ଷୟ ସୁତାର, ସବିତା ମହାପାତ୍ର, ପ୍ରଭାତ ନନ୍ଦୀ, ସୁରେଶ ଦାସ, ସୁବ୍ରତ ପ୍ରଧାନ, ଡା. ଦେବଦତ ସାମନ୍ତରାୟ, ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ସନ୍ଦୀପ ଲେଙ୍କା, ଉଲ୍ଲାସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବକୁ ସଫଳ କରିବାକୁ ନିଜ ନିଜର ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

## ଭୂମିକା ଚକ୍ଷୁ ହସ୍ପିଟାଲ ବିଶେଷଜ୍ଞଙ୍କ ଦ୍ୱାରା ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ

ଆନନ୍ଦପୁର, (ପି.ଏନ):ଆନନ୍ଦପୁରର ଆନନ୍ଦ ଭବନ ଠାରେ ବରିଷ୍ଠ ନାଗରିକ ପରିଷଦ ତଥା ଭୂମିକା ଚକ୍ଷୁ ହସ୍ପିଟାଲ ବିଶେଷଜ୍ଞଙ୍କ ଦ୍ୱାରା ଏକ ମାଗଣା ଚକ୍ଷୁ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ରାଜ୍ୟ ବରିଷ୍ଠ ନାଗରିକ ମହାସଂଘର ଉପସଭାପତି ଅରୁଣ ମହାନ୍ତି ଉଦ୍‌ଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମର କର୍ମକର୍ତ୍ତା ରଘୁନାଥ ପଣ୍ଡିତ, ଅଶୋକ କୁମାର ସାହୁ, ରବୀନ୍ଦ୍ର ଚାନ୍ଦ, ରାମଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ଆସୁଥିବା ବ୍ୟକ୍ତିମାନଙ୍କୁ ଉତ୍ସାହିତ କରିଥିଲେ ।

## କୋଣାର୍କ ଜୁଟ ମିଲର ପ୍ରାକ୍ତନ ଅଫସିରଙ୍କ ବିୟୋଗ

ଦର୍ପଣ,(ପି.ଏନ): ଧାନମଣ୍ଡଳ କୋଣାର୍କ ଜୁଟ ମିଲର ଅବସରପ୍ରାପ୍ତ ଅଫିସର ଜଗତ ଜ୍ୟୋତିଦାସଙ୍କ ଗତ ସୋମବାର ଫୁସଫୁସ ସଂକ୍ରମଣ ଜନିତ ସମସ୍ୟାରେ ବିୟୋ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ ଜଣେ ଅମାୟିକ ବ୍ୟକ୍ତି ଥିଲେ, ତାଙ୍କ ବିୟୋଗରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ପ୍ରାକ୍ତନ ସାଂସଦ ମୋହନ ଜେନା, ଯାଜପୁର ଜିଲ୍ଲା ପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ବଡଚଣା ପଂଚାୟତ ସମିତି ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା କାଂଚନବାଳା ଦାସ, ଧାନମଣ୍ଡଳ ସରପଂଚ ନବଦୀପ ନାୟକ, ପ୍ରାକ୍ତନ ସରପଂଚ ରବୀନ୍ଦ୍ର କୁମାର ନାୟକ, ଧାନମଣ୍ଡଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ମିଶ୍ର, ପ୍ରାକ୍ତନ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ, ଦିଲିପ କୁମାର ମହାନ୍ତି, ସିଦ୍ଧେଶ୍ୱର ଦାସ ଓ ଚିତରଞ୍ଜନ ସାହୁ, ହୋଲିଜେସସ ସ୍କୁଲର ଅଧକ୍ଷା କାମିନୀ ନାୟକ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ସଭାପତି ଦେବରାଜ ବେହେରା, ଅଧାପକ ସଲିଳ ରାଜନନ୍ଦନ ମହାନ୍ତି, କମଳେଶ ଜୈନ, କମଳ କୁମାର ଜୈନ, ଗଣେଶ ପ୍ରସାଦ ଦାସ, ସନାତନ ନାୟକ, ଶ୍ରୀନାଥ ନାୟକ, ସୁବୋଧ ଜେନା, ଥାନମଲ ଜୈନ, କେଶବ ପୃଷ୍ଟି, ସୌମ୍ୟରଞ୍ଜନ ଦାସ, କାର୍ତିକ ପଟ୍ଟନାୟକ, ବିଶ୍ୱାସ ନନ୍ଦ,ଲଳିତ ନାୟକ, ଦିଲିପ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିବା ସହିତ ସ୍ୱର୍ଗତ ଦାସଙ୍କ ଶୋକ ସନ୍ତର୍ପ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରାଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ସୌମ୍ୟସୁନ୍ଦର ଦ୍ୱାସ ମୁଖାଗ୍ନି ଦେଇଥିଲେ। କନ୍ୟା ମୌସୁମୀ, ମାନସୀ, ତାପସି, ରୂପସୀ ଓ ପୁତ୍ରବଧୁ ବିଷ୍ଣୁପ୍ରିୟା ମହାନ୍ତିଙ୍କ ସମେତ ପରିବାରବର୍ଗ ଓ ବନ୍ଧୁପରିଜନ ଉପସ୍ଥିତ ଥିଲେ।

## ଭଗପଶି ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

କେନ୍ଦୁଝର,(ପି.ଏନ):ପାଟଣା ବ୍ଲକ କଣ୍ଟିଆପଡା ପଂଚାୟତ ଅଧିନସ୍ଥ ଭଗପଶି ଉଠା ଜଳସେଚନ ପ୍ରକଳ୍ପ ସ୍ଥାନୀୟ ବିଧାୟକ ଜଗନ୍ନାଥ ନାଏକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବିଜୁ କୃଷକ ବିକାଶ ଯୋଜନାରେ ଉକ୍ତ ପ୍ରକଳ୍ପ ୬୭ ଲକ୍ଷ ଟଙ୍କାର ବ୍ୟୟ ଅକଟଳ ହୋଇଅଛି ବୋଲି ବିଧାୟକ ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୧୦୦ ଏକର ଜମିକୁ ଜଳସେଚନ କରାଯିବ ବୋଲି ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ସହଦେବ ସେଠୀ ପ୍ରକାଶ କରିଛନ୍ତି । ଉକ୍ତ ପ୍ରକଳ୍ପ ହେବାଦ୍ୱାରା ସ୍ଥାନୀୟ ଗ୍ରାମବାସୀଙ୍କ ମନରେ ଆନନ୍ଦ ଖେଳି ଯାଇଛି । କୃଷକର ସାମଗ୍ରୀକ ବିକାଶ ପାଇଁ ଆମ ସରକାର ବଦ୍ଧ ପରିକର ଓ ସେଥିପାଇଁ ଅର୍ଥର ଯାହା ବି ଆବଶ୍ୟକତା ହେବ ତାହା ନିଶ୍ଚିତ ଭାବେ ଯୋଗାଇ ଦିଆଯିବ ବୋଲି ବିଧାୟକ ଶ୍ରୀ ନାଏକ କହିଛନ୍ତି । ଉକ୍ତ ଉତ୍ସବରେ ପାଟଣା ବ୍ଲକର ଅଧକ୍ଷା ସୁକାନ୍ତୀ ନାଏକ, କଣ୍ଟିଆପଡା ସରଂପଚ ଲୀଳା ନାଏକ ଓ ସହକାରୀ ଯନ୍ତ୍ରୀ ଉଠା ଜଳସେଚନ ବିଭାଗ କେନ୍ଦୁଝରର ବୁଦ୍ଧୁରାଇ ସାଙ୍ଗେ ସାମନ୍ତ ଓ ସ୍ଥାନୀୟ ଗ୍ରାମବାସୀ ଉତ୍ସବରେ ଉପସ୍ଥିତ ଥିଲେ ।

## ଶିଶୁ ମହୋତ୍ସବ, ସୁରଭି କାର୍ଯ୍ୟକ୍ରମ ସଫଳତାର ସହ ପାଳିତ

ଦର୍ପଣ,(ପି.ଏନ):ବାପୁଜୀ ନୋଡାଲ ଉପ୍ରା ବିଦ୍ୟାଳୟ ଗୋପାଳପୁର ଠାରେ ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭୀ ।କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସରକାରୀ ସିଦ୍ଧନାରାୟଣ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କ୍ଷେତ୍ରପାଳ, ମଧୁକେଶ୍ୱର ବିଦ୍ୟାପୀଠ କଂଟିଗଡିଆ, ମା ଯଶୋଦା ଉଚ୍ଚବିଦ୍ୟାଳୟ ଗାନ୍ଧିଛକ, ତାରିଣୀ ଉପ୍ରା ସ୍କୁଲ ପାଇକରାପୁର, ପିପଳୀଡିହ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କଂଟିଗଡିଆ ପ୍ରାଥମିକ ବିଦ୍ୟାଳୟ ପାଇକରାପୁର ପ୍ରାଥମିକ ବିଦ୍ୟାଳୟ, ଶଙ୍ଖ ପ୍ରୋଜେକ୍ଟ ପ୍ରାଥମିକ ବିଦ୍ୟାଳୟ, ଡିହ ନରସିଂହପୁର ପ୍ରାଥମିକ ବିଦ୍ୟାଳୟ, ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟ, ସିଦ୍ଧିପୁର ପ୍ରାଥମିକ ବିଦ୍ୟାଳୟ, ବାଲିଗିରି ପ୍ରକଳ୍ପ ଉପ୍ରା ବିଦ୍ୟାଳୟ, ଗାନ୍ଧୀଛକ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରୁ ୩୦୦ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଏହି ସୁରଭୀ ।କର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାପାତ୍ର ଅଧକ୍ଷତା କରିଥିଲେ। ଅତିଥି ଭାବେ ସାଧନା କେନ୍ଦ୍ରର ସଂଯୋଜକ ବୀରକୀଶୋର ସେନାପତି ଶିକ୍ଷକ ଅନାମ ଚରଣ ମହାପାତ୍ର, ଆତ୍ରତ୍ରାଣ ସେଠୀ, ନିତ୍ୟାନନ୍ଦ ମହାପାତ୍ର, ପରିବେଶବିତ କାର୍ତିକ ଚନ୍ଦ୍ର ଜେନା, ଭାଗ୍ୟଲକ୍ଷ୍ମୀ ମହାପାତ୍ର, ନୀତିଶ କୁମାର ଜେନା, କୁମୁଦିନୀ ପାଣିଗ୍ରାହୀ, ମୀନତୀ ତ୍ରିପାଠୀ, ସିପ୍ରା ବେହେରା, ମମତା ପଣ୍ଡା, ଲକ୍ଷ୍ମୀପ୍ରିୟା ଘଡାଇ, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ପରମିତା ପଣ୍ଡା, ଝରଣା ପଣ୍ଡା ଓ ସ୍କୁଲ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ବେହେରା ପ୍ରମୁଖ ଯୋଗହ ଦେଇଥିଲେ। ପ୍ରାରମ୍ଭରେ ଅତିଥି ମାନେ ପ୍ରଦୀପ ଉଜ୍ଜ୍ୱଳନ କରିଥିଲେ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଛାତ୍ରଛାତ୍ରୀ ମାନେ ଶିକ୍ଷାପଦ୍ରତି ଦୃଷ୍ଟିଦେବା ସହ ବିଭିନ୍ ପରତିଯୋଗିତାରେ ବାଗ ନେଇସଫଳତା ହାସଲ କଲେ ସେମାନେ ସୁନାମ ଅର୍ଜଣ କରିପାରିବେ ବୋଲି ଅତିଥି ମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏଠାରେ ପ୍ରବନ୍ଧ, ଚିତ୍ରାଙ୍କନ କୁଇଜ୍ ଓଡିଆ ହସ୍ତାକ୍ଷର, ସୃଜନଶୀଳ ଲେଖନ, ଚିତ୍ରକଳା, ଶିଳ୍ପକଳା, ଓଡିଆ ହସ୍ତାକ୍ଷର, ସୂତ୍ରଲିଖଣ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୩୬ ଜଣ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଉପସ୍ଥିତି ସମସ୍ତ ଛାତ୍ରଛାତ୍ରୀ ଓ ଅତିଥି ମାନଙ୍କୁ ଖାଦ୍ୟ ପରିବେଷଣ କରାଯାଇଥିଲା।

## ସ୍ଥାନୀୟ ସମ୍ବଳର ଉଚିତ୍ ବିନିଯୋଗ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ



କେନ୍ଦୁଝର,(ପି.ଏନ): ମିଳିତ ଜାତିସଂଘ ଦ୍ୱାରା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ୨୦୩୦ର ସଫଳ ରୂପାୟନ ଲାଗି ରାଜ୍ୟ ସରକାର ବିଶେଷ ପଦକ୍ଷେପ ନେଉଛନ୍ତି । ଏ ନେଇ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲା କ୍ଷେତ୍ର ସ୍ତରୀୟ ଅଧିକାରୀ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର କର୍ମଶାଳା କେନ୍ଦୁଝରସ୍ଥ ସମ୍ପ୍ରସାରଣ ତାଲିମ୍ କେନ୍ଦ୍ରରେ ଅନୁଷ୍ଠିତ ହୋଇଅଛି । ଅକ୍ଟୋବର ୧୮ ଏବଂ ୧୯ ତାରିଖ ଦିନ ଅନୁଷ୍ଠିତ ଏହି ଦୁଇଦିନିଆ କର୍ମଶାଳା ଆନୁଷ୍ଠାନିକ ବାବେ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା । ଜନସାଧାରଣଙ୍କ ପାଇଁ ଦୀର୍ଘସ୍ଥାୟୀ, ଆର୍ଥିକ,ସାମାଜିକ ଓ ପରିବେଶ ବିକାଶକୁ ସୁନିଶ୍ଚିତ କରିବା ପାଇଁ ମିଳିତ ଜାତିସଂଘ ପକ୍ଷରୁ ୨୦୧୫ ମସିହାରେ ୧୭ଟି ପ୍ରମୁଖ ଲକ୍ଷ୍ୟକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ଭାବେ ଚିହ୍ନଟ କରାଯାଇଛି । ସେହି ଲକ୍ଷ୍ୟ ଗୁଡିକୁ ୨୦୩୦ ସୁଦ୍ଧା ହାସଲ କରିବା ଲାଗି ରାଜ୍ୟ ସରକାର ଆବଶ୍ୟକୀୟ ଖସଡା ଓ ପଦକ୍ଷେପ ନେଇଛନ୍ତି । ଏହି କର୍ମଶାଳାକୁ ଜିଲ୍ଲାପାଳ ଆଶିଷ ଠାକରେ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବା ସହ ସେଗୁଡିକର ସଫଳ ରୁପାୟନ ଦିଗରେ ବିଶେଷ ଧ୍ୟାନ ଦେବାକୁ ଜିଲ୍ଲାପାଳ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫେରେସିଂ ମାଧ୍ୟମରେ ଯୋଜନା ଓ ସଂଯୋଜନା ବିଭାଗର ଯୁଗ୍ମ ଶାସନ ସଚିବ ମନିଶ ଅଗ୍ରୱାଲ ଯୋଗ ଦେଇ କହିଲେ ଯେ ଦିର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ସ୍ଥାନୀୟ ଅଂଚଳରେ ଥିବା ବିଭିନ୍ନ ସମସ୍ୟାର ଚିହ୍ନଟ କରି ଏହାର ଆଶୁ ସମାଧାନ କରିବାକୁ ପଡିବ । ସେହିପରି ସ୍ଥାନୀୟ ସମ୍ବଳର ଉଚିତ୍ ଉପଯୋଗ ହୋଇପାରିଲେ ଏହା ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ବୋଲି ସେ ନିଜର ବକ୍ତବ୍ୟ ରଖିଥିଲେ । ଏହା ସହ ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ତାଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ୨୨ଟି ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ, ସରପଂଚ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପାଇଁ ମିଳିତ ଜାତିସଂଘ ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ପ୍ରମୁଖ ୧୭ଟି ଲକ୍ଷ୍ୟ କିପରି ହାସଲ ହୋଇପାରିବ ସେ ବିଷୟରେ ଅଧିକାରୀମାନଙ୍କୁ ବିଶେଷ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୋଜନା ଓ ସଂଯୋଜନ ବିଭାଗର ସାମର୍ଥ୍ୟ ବୃଦ୍ଧି ବିଶେଷଜ୍ଞ ସରୋଜ କୁମାର ଦାଶ ପରିଚାଳନା କରିଥିଲେ । ଏହି କର୍ମଶାଳାରେ ସି.ୱାଇ.ଏସ୍.ଡି.ର ମେଣ୍ଟର ଓ ସହ ପ୍ରତିଷ୍ଠାତା ଡ. ଜଗଦାନନ୍ଦ, ରାଜ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପ୍ରକୋଷ୍ଠର ସହକାରୀ ନିର୍ଦ୍ଦେଶିକା ଅଳକା ଜେନା, ସାମାଜିକ କ୍ଷେତ୍ର ବିଶେଷଜ୍ଞ ଡ. ରମେଶ ଚେଲାନ, ସମ୍ବଳ ବ୍ୟକ୍ତି ଭାନୁପ୍ରସାଦ ପାଣିଗ୍ରାହୀ, ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ଗଜେନ୍ଦ୍ର କୁମାର ବେହେରା ପ୍ରମୁଖ ତାଲିମ୍‌ଦାତା ଭାବେ ଯୋଗ ଦେଇଥିଲେ । ଏହି କର୍ମଶାଳାରେ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାଷିରାମ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପୃଷ୍ଟି ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଦ୍ୱିତୀୟ ଦିନରେ ଜିଲ୍ଲାର ୨ଟି ଗ୍ରାମ ପଂଚାୟତକୁ କ୍ଷେତ୍ର ପରିଦର୍ଶନ ପାଇଁ ଯିବାର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇଥିଲା।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray